## ସଂକ୍ଷେପରେ

### ବନବାସୀ କ୍ଷେତ୍ରରେ ପଞ୍ଚକୁଣ୍ଡୀୟ ମହାଯଜ୍ଞ



କୋଲାବନଗର,୨୯।୧୨(ଡି.ଏନ୍.ଏ.): କୋରାପୁଟ ଜିଲା କୋଲାବନଗରସ୍ଥିତ ବନବାସୀ କ୍ଷେତ୍ରରେ ପଞ୍ଚକୁଣ୍ଡୀୟ ମହାଯଜ୍ଞ ଷୋଡ଼ଶ ଉପଚାରରେ ଅନୁଷ୍ଠିତ ହୋଇଛି। ପବିତ୍ର ଶ୍ରୀକ୍ଷେତ୍ରରୁ ତିନିଜଣ ପଣ୍ଡିତଙ୍କ ତତ୍ତ୍ୱାବଧାନରେ ଯଜ୍ଞର ସମସ୍ତ କାର୍ଯ୍ୟ କରାଯାଇଛି। ସେମାନଙ୍କ ମଧ୍ୟରେ ପଣ୍ଡିତ ଅକ୍ଷୟ କୁମାର ପାଢଯୋଶୀ, ପଣ୍ଡିତ ଗଣେଶ୍ୱର ମିଶ୍ର, ପଣ୍ଡିତ ଜଗବନ୍ଧୁ ଷଡ଼ଙ୍ଗୀ ରହିଛନ୍ତି। ସକାଳ ୬ଟା ୩୦ରେ କୋଲାବ ଜଳଭଣ୍ଡାରରୁ ଗଙ୍ଗା ଆବାହନ ଓ କଳସଯାତ୍ରା, ୭ଟା ୨୦ରେ ସୂର୍ଯ୍ୟପୂଜା, ୮ଟାରେ ସଙ୍କଳ୍ପ, ୮ଟା ୩୦ରେ ଘୃତଯଜ୍ଞ ଆରମ୍ଭ ହୋଇଥିଲା। ଘୃତଯଜ୍ଞ ପରେ ୧୨୦୦ ଭକ୍ତଙ୍କ ପାଇଁ ଅନ୍ନଯଜ୍ଞର ବନ୍ଦୋବସ୍ତ କରାଯାଇଥିଲା। ବନବାସୀ କ୍ଷେତ୍ରର ସେବାୟତ ମଣ୍ଡଳୀଙ୍କ ଦ୍ୱାରା ଯଜ୍ଞ ପରିଚାଳନା କରାଯାଇଛି। ସେମାନଙ୍କ ମଧ୍ୟରେ ମନ୍ଦିର ସମ୍ପାଦକ ଶ୍ରୀ ଅନନ୍ତ ପ୍ରସାଦ ମହାନ୍ତି, ଶଶିଭୂଷଣ ସ୍ୱାଇଁ, ଉପସଭାପତି ସୀମାଞ୍ଚଳ ନାହାକ, ପୁରାତନ ସେବାୟତ ରାମଚନ୍ଦ୍ର ସାହୁ, ଅଭିରାମ ଖଟୁଆ, ବନବାସୀ କ୍ଷେତ୍ରର ସେବାୟତ ବୃନ୍ଦ ଉପସ୍ଥିତ ଥିଲେ। ସ୍ଥାନୀୟ ବିଦ୍ୟାଳୟର ଗଗନ ସାର୍ ଯଜ୍ଞ ପରିଚାଳନା କରିଥିଲେ।

### ଖବରଦାତାଙ୍କୁ ଆକ୍ରମଣ ପ୍ରତିବାଦରେ ଦାବିପତ୍ର

କୋଟପାଡ଼, ୨୯।୧୨(ଡି.ଏନ୍.ଏ.): କୋଟପାଡ଼ କାର୍ଯ୍ୟରତ ସାମ୍ବାଦିକ ସଂଘ ତରଫରୁ ଏକ ବୈଠକ ପ୍ରେସ୍ କ୍ଲବରେ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱରସ୍ଥିତ ଏସ୍‌ପ୍ଲାନେଡରେ ଜଣେ କାର୍ଯ୍ୟରତ ମହିଳା ଖବରଦାତାଙ୍କୁ ଦୁର୍ବ୍ୟବହାର ସହ ମରଣାନ୍ତକ ଆକ୍ରମଣର ପ୍ରତିବାଦରେ ଖବରଦାତାଙ୍କ ସୁରକ୍ଷା ନେଇ କୋଟପାଡ଼ ଥାନା ଅଧିକାରୀ ଉଲ୍ଲାସ ମାଝିଙ୍କ ଜରିଆରେ ଡିଜିପିଙ୍କୁ ଏକ ଏକ ଦାବିପତ୍ର ଦିଆଯାଇଛି। ଏଥିରେ ଅଭିଯୁକ୍ତମାନଙ୍କୁ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଖବରଦାତାଙ୍କ ସୁରକ୍ଷା ସକାଶେ ଆଇନ ଲାଗୁ କରିବା ପାଇଁ ବାରମ୍ବାର ଦାବି ହୋଇଆସୁଥିଲେ ସୁଦ୍ଧା ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ଖବରଦାତାମାନେ ଏଭଳି ବାରମ୍ବାର ଆକ୍ରମଣର ଶିକାର ହେଉଛନ୍ତ। ଏହାକୁ ତୀବ୍ର ନିନ୍ଦା କରିବା ସହ ଆଇନ ଓ ସୁରକ୍ଷା ନେଇ ସରକାର ପଦକ୍ଷେପ ନେବା ସକାଶେ କୋଟପାଡ଼ ସାମ୍ବାଦିକ ସଂଘ ତରଫରୁ ଦାବି କରାଯାଇଛି। ଉକ୍ତ ଦାବିପତ୍ର ଦେବା ସମୟରେ ସଭାପତି ପଙ୍କଜ କୁମାର ପାତ୍ର, ଉପସଭାପତି ରାଜଶେଖର ରାଜ, ସମ୍ପାଦକ ଶଙ୍କର ପ୍ରସାଦ ପଣ୍ଡା, ସହ ସମ୍ପାଦକ ଦେବୀ ପଣ୍ଡା, ସନାତନ ଦାସ, ଆଇନ ପରାମର୍ଶଦାତା ମୁକ୍ତେଶ୍ୱର ନାୟକ, ପ୍ରଦୀପ କୁମାର ବକ୍ସି, ଜ୍ଞାନେନ୍ଦ୍ର ପଟ୍ଟନାୟକ, ବସନ୍ତ ପେଗଡ଼ ଉପସ୍ଥିତ ଥିଲେ।

# ପାହାଡ଼ ଉପରେ ମାଫିଆଙ୍କ ଲୋଲୁପ ଦୃଷ୍ଟି

ଜୟପୁର,୨୯।୧୨(ଡି.ଏନ୍.ଏ.)



ପାହାଡ଼ରୁ ମୋରମ ଖୋଳାଯାଉଛି।

- ବେଆଇନ ଭାବେ ଲୁଟ୍ ଚାଲିଛି ମୋରମ, ମାଟି
- ପ୍ଲଟିଂ କରି ବିକ୍ରି କରିବାକୁ ଉଦ୍ୟମ ହେଉଛି

ଜୟପୁର ସହର ଉପକଣ୍ଠରୁ ମାତ୍ର ୩ କିମି ଦୂର ବାରିଣିପୁଟ ନିକଟସ୍ଥ ମହୁଲଭଟ୍ଟା ରାସ୍ତାରେ ଥିବା ପାହାଡ଼ରୁ ମୋରମ ଓ ମାଟି ବେଆଇନ ଚାଲାଣ କରାଯାଉଛି। ରାଜସ୍ୱ ବିଭାଗ ଅଧୀନରେ ଥିବା ଏହି ପାହାଡ଼ରୁ ମାଟି ଓ ମୋରମ କେବଳ ବିଭାଗୀୟ ଅନୁମତି ଦ୍ୱାରା ସରକାରୀ ରାସ୍ତା ଓ ଅନ୍ୟ ଉନ୍ନୟନ କାମରେ ବ୍ୟବହାର କରାଯାଇପାରିବ। କିନ୍ତୁ ଏହି ମାଟିକୁ କେତେକ ମାଫିଆ ଜମି ସମତଳ କରିବା ଉଦ୍ଦେଶ୍ୟରେ ଲୁଟି ନେଉଛନ୍ତି। ଘରୋଇ କାମ ଓ ପ୍ଲଟିଂରେ ବ୍ୟବହାର ପାଇଁ ଏହିପରି କେତେକ ଅସାଧୁ ଟ୍ରାକ୍ଟର ମାଲିକ, ବ୍ୟବସାୟୀ ନିୟମିତ ପାହାଡ଼ରୁ ମାଟି ଓ ମୋରମ ଚୋରିକରି ବିକିବା ସହ ଲାଭବାନ ହେଉଛନ୍ତି। ଅଥଚ ରାଜସ୍ୱ ବିଭାଗ ଏଥିପ୍ରତି ଦୃଷ୍ଟି ନ ଦେବା ଏହାର କର୍ମଚାରୀ ଓ ଅଧିକାରୀଙ୍କ କାର୍ଯ୍ୟଧାରା ଉପରେ ପ୍ରଶ୍ନଚିହ୍ନ ଲଗାଇଛି। ଉକ୍ତ ପାହାଡ଼ରୁ ଦୈନିକ ୩୦ ଟ୍ରାକ୍ଟରରୁ ଅଧିକ ମୋରମ ଓ ମାଟି ବେଆଇନ ଭାବେ ନିଆଯାଉଥିବା ବେଳେ ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି ସରକାର। ପାହାଡ଼କୁ ଲାଗି ଏକ ଜମିକୁ ପ୍ଲଟିଂ କରାଯାଉଛି । ପାହାଡ଼କୁ ଏଭଳି କଟାଯାଇ ସମତଳ କରାଗଲେ ସରକାରୀ ଜମିକୁ ମାଫିଆମାନେ ନିଜ ଅକ୍ତିଆରକୁ ନେବେ। ପରେ ତହସିଲ କାର୍ଯ୍ୟାଳୟର କେତେକ ଅସାଧୁ କର୍ମଚାରୀଙ୍କୁ ଲାଞ୍ଚଦେଇ ନିଜ ନାମରେ ପଟ୍ଟା କରିବା ସହ ଏହାକୁ ବିକିବା ମସୁଧା ଚାଲିଛି। ତହସିଲ କାର୍ଯ୍ୟାଳୟରୁ ଅନତିଦୂରରେ ଥିବା ଏହି ପାହାଡ଼କୁ ଲୁଟ୍ ଉଦ୍ୟମ ବନ୍ଦ କରିବା ପାଇଁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଜୟପୁର ତହସିଲଦାରଙ୍କ ଫୋନକୁ ଯୋଗାଯୋଗ କରିବାରୁ ତାହା ସୁଇଚ୍‌ଡ ଅଫ୍ ଥିଲା। ଅତିରିକ୍ତ ତହସିଲଦାର ମାନସ ରଞ୍ଜନ ପଟ୍ଟନାୟକଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ଉକ୍ତ ଅଞ୍ଚଳର ରାଜସ୍ୱ ନୀରିକ୍ଷକଙ୍କୁ ଘଟଣାସ୍ଥଳକୁ ଯାଞ୍ଚ ପାଇଁ ପଠାଯିବ।

# ଗାୟକ ସାଜିଲେ ବିଧାୟକ ତାରା

ଜୟପୁର,୨୯।୧୨(ନି.ପ୍ର.)

ଅନ୍ୟ ରାଜନେତାଙ୍କ ଅପେକ୍ଷା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଅନ୍ଦାଜ ଟିକେ ନିଆରା। ବିଧାନସଭାରେ ବାଚସ୍ପତିଙ୍କ ପୋଡ଼ିୟମ ପାଖରେ ଜନତାଙ୍କ ସ୍ୱାର୍ଥ ପାଇଁ ହଲାବୋଲ କରୁଥିବା ତାରା ବ୍ୟକ୍ତିଗତ ଜୀବନରେ ଭାରି ଖୁସମିଜାଜର ବ୍ୟକ୍ତି। କେତେବେଳେ ସେ ମଞ୍ଚରେ କଳାକାରଙ୍କ ଗୀତରେ ନାଚନ୍ତି ତ କେତେବେଳେ ପୁଣି ଆଦିବାସୀଙ୍କ କାନ୍ଧରେ କାନ୍ଧ ମିଳାଇ ନାଚରେ ମସଗୁଲ୍ ହୁଅନ୍ତି। ଏବେ ତାଙ୍କର ଏହି ନିଆରା ଅନ୍ଦାଜରେ ଆଉ ଗୋଟିଏ ନୂଆ ମାନିଆ ଯୋଡ଼ି ହେବାକୁ ଯାଉଛି। ତାହା ହେଲେ ଗୀତ। ଏବେ ଗୀତ ଗାଇବେ ତାରା। ରାଜ୍ୟରେ ଦିନକୁ ଦିନକୁ ବଳାତ୍କାର ଓ ଗଣ ବଳାତ୍କାର ପରି ଘଟଣା ଘଟୁଛି। ତାହାକୁ ନିନ୍ଦାକରି ଏକ ଗୀତ ପ୍ରସ୍ତୁତ ହେଉଛି। ତାହାକୁ ଗାଇଛନ୍ତି ତାରା ଓ ସେଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟ ସଂଳାପ 'ଆପଣମାନେ ଖୁସି ତ'କୁ ମଧ୍ୟ ରିପିଟ୍ କରିଛନ୍ତି। ରାଜନୀତି ଓ ସାମାଜିକ ସ୍ଥିତିକୁ ନେଇ ପ୍ରସ୍ତୁତ ହୋଇଥିବା ଏହି ବ୍ୟଙ୍ଗାତ୍ମକ ଗୀତରେ ସେ କଣ୍ଠଦାନ କରିଥିବା ବେଳେ ତାହା ଖୁବ୍ ଶୀଘ୍ର ଆଲବମ ଭାବେ ମୁକ୍ତିଲାଭ କରିବାକୁ ଯାଉଛି। ଭୁବନେଶ୍ୱରରେ ଏହି ଗୀତର ରେକର୍ଡିଂ ଚାଲିଛି। ଏହାକୁ କେ. ୱାନ୍ ଲାଇଭ ପକ୍ଷରୁ ପ୍ରସ୍ତୁତ କରାଯାଉଛି। ଏଥିରେ ତାରାଙ୍କ ସହ ଗାୟିକା ମୋନାଲି କଣ୍ଠଦାନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ତାରା ନିଜ ସହଧର୍ମିଣୀ ତଥା ଜିଲା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ପାଇଁ 'ମୋ' ପ୍ରିୟାଠାରୁ କିଏ ଅଧିକ ସୁନ୍ଦର' ଗୀତ ଶୈଳୀରେ ନିଜ ଶବ୍ଦ ଦେଇ ଗାଇଥିବା ଗୀତ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।



ଷ୍ଟୁଡିଓରେ ଗୀତ ରେକର୍ଡିଂ ବେଳେ କଣ୍ଠଶିଳ୍ପୀ ମୋନାଲିଙ୍କ ସହ ତାରା।

■ ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘ ବୈଠକ

# ମୁଖ୍ୟମନ୍ତ୍ରୀଙ୍କୁ ଦିଆଯିବ ଦାବିପତ୍ର

ଜୟପୁର,୨୯।୧୨(ଡି.ଏନ୍.ଏ.)



ବୈଠକରେ ଚତୁର୍ଥଶ୍ରେଣୀ ସରକାରୀ କର୍ମଚାରୀ ସଂଘର କର୍ମକର୍ତ୍ତା।

ଜୟପୁରସ୍ଥିତ ଟାଉନହଲରେ ରବିବାର ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘ ଉପଖଣ୍ଡ ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଛି। ଶାଖା ସଭାପତି ଗୋପୀନାଥ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ସେହିପରି କର୍ମଚାରୀଙ୍କ ନ୍ୟାଯ୍ୟ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଦାବିଗୁଡ଼ିକ ମଧ୍ୟରୁ ସପ୍ତମ ବେତନ କମିଶନର ବକେୟା ୬୦ ପ୍ରତିଶତ ଏରିଅର, ନୂତନ ଦରମାର ଘରଭଡ଼ା ବାବଦକୁ ୮ ପ୍ରତିଶତ ହାରରେ ୨୦୧୬ ଜାନୁୟାରୀ ୧ରୁ ପ୍ରଦାନ, ୨୦୧୯ ଜୁଲାଇ ପହିଲାରୁ ୫ ପ୍ରତିଶତ ମହଙ୍ଗା ଭତ୍ତା, ଖାଲି ପଡ଼ିଥିବା ରାତ୍ରି ଜଗୁଆଳି ଓ ପିଅନ ପଦବୀ ପୂରଣ, ମ୍ୟାଟ୍ରିକ ପାସ୍ କରିଥିବା ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ତୃତୀୟ ଶ୍ରେଣୀ କର୍ମଚାରୀ ଭାବେ ପଦୋନ୍ନତି, ପ୍ରତ୍ୟେକ ମାସରେ ଚିକିତ୍ସା ବାବଦକୁ ୫ ପ୍ରତିଶତ ଭତ୍ତା ରହିଛି। ଆସନ୍ତା ୧୨ରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ମାନିତ କରାଯିବା ପାଇଁ ମଧ୍ୟ ସ୍ଥିର ହୋଇଥିଲା। ଏହି ଅବସରର ସଂପାଦକ ସୂର୍ଯ୍ୟନାରାୟଣ ଜାନୀ ସମ୍ପାଦକୀୟ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଜଗଦିଶ ତ୍ରିପାଠୀ, ଉପସଭାପତି ଉଦୟନାଥ ମହାରଣା, କ୍ଷୀରସିନ୍ଧୁ ନାୟକ, ଦୁର୍ଗା ପଟ୍ଟନାୟକ, ଏମ୍. ସତ୍ୟନାରାୟଣ, ବିଜୟଲକ୍ଷ୍ମୀ ବେହେରା, ବାବାଜୀ ମହାପାତ୍ର, ସୁନାନୀ ପରଜାଙ୍କ ସମେତ ବୋରିଗୁମ୍ମା, କୋଟପାଡ଼, ବୈପାରୀଗୁଡ଼ା, କୁନ୍ଦୁରା ବ୍ଲକର କର୍ମଚାରୀ ଉପସ୍ଥିତ ଥିଲେ।

■ ପେନସନ କାର୍ଡ ଦାବି

# ଆଜିଠୁ ଅନଶନ

ଜୟପୁର,୨୯।୧୨(ଡି.ଏନ୍.ଏ.)

ଜୟପୁର ସହରର ପୌରାଞ୍ଚଳରେ ୪୨୦ ଜଣ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ସରକାରଙ୍କ ବିଭିନ୍ନ ପେନସନ ଯୋଜନାରେ ସାମିଲ କରାଯାଇଛି। ଏନେଇ ଉକ୍ତ ହିତାଧିକାରୀଙ୍କୁ ପେନସନ କାର୍ଡ ତୁରନ୍ତ ବଣ୍ଟନ କରିବା ପାଇଁ ଏଆଇସିସି ସଦସ୍ୟ ରବୀନ୍ଦ୍ର ମହାପାତ୍ର ଦାବି କରିଛନ୍ତି। ଏହି ଦାବି ନେଇ ସୋମବାର ପୌର କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ପାଇଁ ସେ ଚେତାବନୀ ଦେଇଛନ୍ତି । ସହରର ବିଭିନ୍ନ ବସ୍ତି ଅଞ୍ଚଳରେ ହିତାଧିକାରୀଙ୍କୁ ସରକାରଙ୍କ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରିବା ନେଇ ବାରମ୍ବାର ବସ୍ତି ଓ ସହରବାସୀଙ୍କ ପକ୍ଷରୁ ଦାବି ସହ ଅଫିସ୍ ଘେରାଉ କରାଯାଉଥିଲା। ଏନେଇ ପୌରସଂସ୍ଥା ପକ୍ଷରୁ ଚିହ୍ନଟ କରାଯାଇ ସୂଚୀ ପ୍ରସ୍ତୁତ ହୋଇଥିଲେ ସୁଦ୍ଧା ଏହାକୁ ବଣ୍ଟନ କରିବା ପାଇଁ ଅଯଥା ବିଳମ୍ବ କରାଯାଉଥିବା ଅଭିଯୋଗ ହୋଇଛି।

■ ବାବୁଲା ମେମୋରିଆଲ କ୍ରିକେଟ୍

# ପ୍ରଥମ ଦିବସରେ ବାଲିଆ, ଇଭିନିଂ କ୍ଲବ ବିଜୟୀ

ଜୟପୁର,୨୯।୧୨(ଡି.ଏନ୍.ଏ.)

ଜୟପୁର ଦଶହରା ପଡ଼ିଆରେ ବାବୁଲା ମେମୋରିଆଲ ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିବସରେ ୨ଟି ମ୍ୟାଚ୍ ଖେଳାଯାଇଛି। ପ୍ରଥମ ମ୍ୟାଚରେ ବାଲିଆ ଗ୍ରାମଦଳ ସ୍ଥାନୀୟ ଭେଙ୍କଟ ଏକାଦଶକୁ ୫ ୱିକେଟରେ ପରାସ୍ତ କରିଛି। ବାଲିଆ ଟସ ଜିଣି ପ୍ରଥମେ ବୋଲିଂ କରିଥିଲା। ବିପକ୍ଷ ଭେଙ୍କଟ ଏକାଦଶ ନିର୍ଦ୍ଧାରିତ ୧୫ ଓଭରରେ ୮ ୱିକେଟ ହରାଇ ୧୧୮ ରନ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ରିଙ୍କୁ ୧୫ ବଲରେ ୩୧ ରନ ଏବଂ ଭେଙ୍କଟ ୨୦ଟି ବଲରେ ୨୯ ରନ କରିଥିଲେ। ବାଲିଆ ଦଳର ସାନ ୨୫ ରନ ଦେଇ ୪ଟି ୱିକେଟ ନେଇଥିଲେ। ଜବାବରେ ବାଲିଆ ଦଳ ୧୪.୪ ଓଭରରେ ୫ ୱିକେଟ ହରାଇ ବିଜୟଲକ୍ଷ୍ୟ ହାସଲ କରିଥିଲା। ଦଳ ପକ୍ଷରୁ ସାନ ୧୮ଟି ବଲରେ ୩୫ ରନ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ସ୍ଥାନୀୟ ଇଭିନିଂ କ୍ଲବ କୁମୁଲି ଗ୍ରାମକୁ ୩୫ ରନରେ ପରାସ୍ତ କରିଛି। ଟସ୍ ଜିଣି ଇଭିନିଂ କ୍ଲବ ଦଳ ପ୍ରଥମେ ବ୍ୟାଟିଂ କରିବା ସହ ନିର୍ଦ୍ଧାରିତ ୧୫ ଓଭରରେ ୫ ୱିକେଟ ହାରାଇ ୧୯୮ ରନ କରିଥିଲା। ଦଳ ପକ୍ଷରୁ ପ୍ରତୀକ ୧୦ଟି ବଲରେ ୪୬ ଏବଂ ସୁନିଲ ୨୨ଟି ବଲରେ ୪୩ ରନ କରିଥିଲେ। ଜବାବରେ କୁମୁଲି ନିର୍ଦ୍ଧାରିତ ଓଭରରେ ୮ ୱିକେଟ ହରାଇ ୧୬୩ ରନ କରିଥିଲା। ଦଳ ପକ୍ଷରୁ ପ୍ରତାପ ୨୧ଟି ବଲରେ ୩୫ ରନ ଏବଂ ମହେନ୍ଦ୍ର ୬ଟି ବଲରେ ୨୦ ରନ କରିଥିଲେ। ସୁନିଲ ୨୮ରନ ଦେଇ ୩ଟି ୱିକେଟ ଅକ୍ତିଆର କରିଥିଲେ। ପ୍ରତୀକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ବଳରାମ ପାଣିଗ୍ରାହୀ ଓ ଲଳିତ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗନେବେ । ଉମାକାନ୍ତ ସାଗର, ରାଜବୀର ନାୟକ, ସନ୍ତୋଷ ବାଗ, ପଦ୍ମନ ଚାଲାଣ ଖେଳ ପରିଚାଳନା କରୁଛନ୍ତି।



କ୍ରିକେଟ ଟୁର୍ନାମେଣ୍ଟର ଉଭୟ ଦଳର ଖେଳାଳିମାନେ।

# ବଳାତ୍କାର ଉଦ୍ୟମ ଅଭିଯୋଗରେ ନିଗମ ଷ୍ଟେସନ ମାଷ୍ଟର ଗିରଫ

■ ମିଥ୍ୟା ମାମଲା କହି ଆନ୍ଦୋଳନ କଲେ ନିଗମ କର୍ମଚାରୀ

ଜୟପୁର,୨୯।୧୨(ଡି.ଏନ୍.ଏ.)

ଜୟପୁର ବସଷ୍ଟାଣ୍ଡର ଜିଲା ସଡ଼କ ନିଗମ ଷ୍ଟେସନ ମାଷ୍ଟର ପାରାବେଡ଼ା ଅଞ୍ଚଳର ଜଣେ ଅସ୍ଥାୟୀ ଡ୍ରାଇଭରଙ୍କ ସ୍ତ୍ରୀଙ୍କୁ ଟଣାଓଟରା ଓ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏନେଇ ମହିଳା ଥାନାରେ ଏତଲା ପରେ ଏହି ଘଟଣାରେ ଷ୍ଟେସନ ମାଷ୍ଟରଙ୍କୁ ଗିରଫ କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି। ଗିରଫ ଷ୍ଟେସନ ମାଷ୍ଟର ହେଲେ ପ୍ରମୋଦ ସାହୁ। ଅନ୍ୟପକ୍ଷରେ ମିଥ୍ୟା ମାମଲାରେ ଷ୍ଟେସନ ମାଷ୍ଟରଙ୍କୁ ଗିରଫ କରାଯାଇଥିବା ଅଭିଯୋଗ କରି ନିଗମର ଅନ୍ୟ କର୍ମଚାରୀମାନେ ଆନ୍ଦୋଳନ କରିଥିଲେ। ଫଳରେ ପୂର୍ବାହ୍ନରେ ୩ ଘଣ୍ଟା ବସ୍ ଚଳାଚଳ ବନ୍ଦ ରହିଥିଲା। କର୍ମଚାରୀମାନେ ପୋଲିସର ତଦନ୍ତ ଉପରେ ପ୍ରଶ୍ନ ଉଠାଇଥିବା ବେଳେ ମହିଳା ଥାନା ଅନ୍ୟାୟୋଜିତ ଭାବେ ଷ୍ଟେସନ ମାଷ୍ଟରଙ୍କୁ ଗିରଫ କରିଥିବା ସେମାନେ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଷ୍ଟେସନ ମାଷ୍ଟର ସଂପୃକ୍ତ ଡ୍ରାଇଭରଙ୍କ ଅନୁପସ୍ଥିତିରେ ତାଙ୍କ ଘରକୁ ଯାଇ ତାଙ୍କ ସ୍ତ୍ରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ବଳାତ୍କାର ଉଦ୍ୟମ କରିଥିବା ନେଇ ମହିଳା ଥାନାରେ ଅଭିଯୋଗ ହୋଇଥିଲା। ଜାମିନ ଆବେଦନ ଖାରଜ ହେବା ପରେ ଅଭିଯୁକ୍ତଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି।

# ଆର୍ଥିକ ସ୍ୱଚ୍ଛଳ କରିବ ମେଣ୍ଢା

କୁନ୍ଦୁରା,୨୯।୧୨(ଡି.ଏନ୍.ଏ.)



ଭୂମିହୀନଙ୍କୁ ମେଣ୍ଢା ବିତରଣ କରାଯାଉଛି।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଲିମା ଗ୍ରାମପଞ୍ଚାୟତ ଅନ୍ତର୍ଗତ କୁମ୍ଭାରଗୁଡ଼ା ପଡ଼ିଆରେ ଏମ୍‌ଏସ୍ ସ୍ୱାମୀନାଥନ ଫାଉଣ୍ଡେଶନ ତରଫରୁ ଭୂମିହୀନ ଚାଷୀଙ୍କୁ ସ୍ୱାବଲମ୍ବୀ ତଥା ଆର୍ଥିକ ସ୍ୱଚ୍ଛଳ କରିବା ପାଇଁ ପଶୁପାଳନ ଲାଗି ମେଣ୍ଢା ବଣ୍ଟନ କରାଯାଇଛି। ସ୍ୱାମୀନାଥନ ସଂସ୍ଥାର ସର୍ବେକ୍ଷଣ ପରେ କୁନ୍ଦୁରା ଓ ବୈପାରୀଗୁଡ଼ା ବ୍ଲକ ଅଧୀନରେ ଥିବା ୧୦୦ ଜଣ ଭୂମିହୀନଙ୍କୁ ବାଛି ମେଣ୍ଢା ବିତରଣ କରାଯାଇଥିଲା। ଏଥିରେ ସ୍ୱାମୀନାଥନ ପ୍ରକଳ୍ପ ସଂଯୋଜକ କାର୍ଯ୍ୟ ଆରମ୍ଭ କରିଥିବା ବେଳେ କୁନ୍ଦୁରା ପ୍ରାଣୀଧନ ବିଶେଷଜ୍ଞ ମୋନାଲିସା ନାୟକ, ବୈପାରୀଗୁଡ଼ା ଭାରପ୍ରାପ୍ତ ପ୍ରାଣୀଧନ ବିଶେଷଜ୍ଞ ମଧୁସ୍ମିତା ଦଳେଇ, ଲିମା ପ୍ରାଣୀଧନ ନିରୀକ୍ଷକ ପ୍ରଦୀପ କୁମାର ସାହୁ, ସ୍ୱାମୀନାଥନ ସଂସ୍ଥା ଫିଲ୍ଡ ଆସିଷ୍ଟାଣ୍ଟ ଅଜିତ କୁମାର ସାହୁ ଉପସ୍ଥିତ ଥିଲେ। ବର୍ତ୍ତମାନ ଅଞ୍ଚଳରେ କେତେକ ଭୂମିହୀନ ରହିଥିବା ବେଳେ ଆର୍ଥିକ ଅଭାବ ଯୋଗୁ ସେମାନେ ବିଭିନ୍ନ ସମୟରେ ଅସୁବିଧା ଭୋଗୁଛନ୍ତି। ତେଣୁ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାର ଆର୍ଥିକ ଅନୁଦାନରେ ପରିଚାଳିତ ଏମ୍‌ଏସ୍ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେଶନ ସମନ୍ୱିତ କୃଷି ପ୍ରଣାଳୀ ପ୍ରକଳ୍ପରେ ୧୫୦ ଜଣ ଭୂମିହୀନଙ୍କୁ ମେଣ୍ଢା ବିତରଣ କରାଯାଇଛି। ଏହାସହ ମେଣ୍ଢାମାନଙ୍କ ଟିକାକରଣ ମଧ୍ୟ ହୋଇଛି।

# ଆଦିବାସୀଙ୍କ ସ୍ୱପ୍ନରେ ସୀମିତ ରହିଯାଉଛି ଆବାସ

ଦଶମନ୍ତପୁର,୨୯।୧୨(ଡି.ଏନ୍.ଏ.)



ଅଧାପନ୍ତରିଆ ଆବାସ ଘର ଆଗରେ ଦୁକି ମୁଦୁଲି।

**ଆବାସ ଯୋଜନା ଫେଲ୍**
- ସଲାସୁତୁରା କରି କାମ ହାତଉଛନ୍ତି ଠିକାଦାର
- ବର୍ଷ ବର୍ଷ ଧରି ଅଧାପନ୍ତରିଆ ପଡ଼ୁଛି ଆବାସ
- କାମ ସରିଲେ ମଧ୍ୟ ବିଲ୍ ପାଉନାହାନ୍ତି ହିତାଧିକାରୀ

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପରଜା ବେଡ଼ାପଦର ପଞ୍ଚାୟତରେ ଆବାସ ଯୋଜନାରେ ହୋଇଥିବା ଦୁର୍ନୀତିର ଗୁମର ଧୀରେଧୀରେ ଖୋଲିବାରେ ଲାଗିଛି। ଏହି ଅଞ୍ଚଳର ଆବାସ ଘର ନିର୍ମାଣ କାମ ସଲାସୁତୁରାରେ ଠିକାଦାରଙ୍କ ହାତକୁ ଯାଉଛି। କିନ୍ତୁ କେଉଁଠି ହିତାଧିକାରୀଙ୍କ ଆବାସ ଘର ଶେଷ ହୋଇଥିଲେ ମଧ୍ୟ ଏଯାବତ୍ ବିଲ୍ ମିଳିପାରୁ ନାହିଁ। ଅନ୍ୟ କେଉଁଠି ଆବାସ ଶେଷ ହୋଇଛି, କିନ୍ତୁ ଘରର ଅବସ୍ଥା ଦେଖି ମୁଣ୍ଡ ଗୁଞ୍ଜିବାକୁ ଭୟ କରୁଛନ୍ତି ହିତାଧିକାରୀ। ଅନ୍ୟ କେତେକଙ୍କ ଆବାସ ଅନୁଦାନ ଉଠିଯାଇଥିଲେ ମଧ୍ୟ ବର୍ଷାଧିକ କାଳ ଘର ଅଧାପନ୍ତରିଆ ପଡ଼ିଛି। ଏନେଇ ପୂର୍ବରୁ ବହୁ ଖବର ପ୍ରକାଶ ପାଇଛି।

ପରଜା ବେଡ଼ାପଦର ପଞ୍ଚାୟତରେ ଥିବା ସେମ୍ଚି ଗ୍ରାମର ଦୁକି ମୁଦୁଲି (୬୫)ଙ୍କର ମଧ୍ୟ ସେହି ସମାନ ଅବସ୍ଥା। ତାଙ୍କ କହିବାନୁସାରେ ୩ ବର୍ଷ ତଳେ ତାଙ୍କୁ ଏକ ଆବାସ ଘର ମିଳିଥିଲା। ନିଜେ କଲେ ଡେରି ହେବ, ତେଣୁ ଆମେ ଠିକାରେ କରିଦେବୁ ବୋଲି ପ୍ରଲୋଭନ ଦେଖାଇ ଜଣେ ଠିକାଦାର କାମ ହାତେଇଥିଲେ। ତେବେ ସେ ଏଭଳି ଘରଟି ତିଆରି କରିଛନ୍ତି, ଯେଉଁଥିରେ ଜଣେ ଚଳିବା କଷ୍ଟକର। ୩ବର୍ଷ ବିତି ଯାଇଥିଲେ ସୁଦ୍ଧା ଘରଟି ସମ୍ପୂର୍ଣ୍ଣ ହୋଇନାହିଁ। ଠିକାଦାରଙ୍କୁ ବହୁବାର କହିଥିଲେ ମଧ୍ୟ ସେ କାନ ଦେଉ ନ ଥିବା ଦୁକିଙ୍କ ସ୍ୱାମୀ କେଶରି ମୁଦୁଲି କହିଛନ୍ତି। ଗୋଟିଏ ବୋଲି ଝିଅ ବିବାହ କରିବା ପରଠୁ ଦୁକି ଓ କେଶରୀ ପରିଣତ ବୟସରେ ଏହି ଘରେ ଚଳୁଛନ୍ତି। କେବଳ ଦୁକି ନୁହନ୍ତି, ଗ୍ରାମର ଶରତ ମୁଦୁଲିଙ୍କ ସ୍ତ୍ରୀ ସନମତି ମୁଦୁଲିଙ୍କ ନାଁରେ ମଧ୍ୟ ଆସିଥିବା ଆବାସ ଘର ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ ଫାଉଣ୍ଡେଶନରେ ହିଁ କାମ ସୀମିତ ରହିଛି। ସନମତି, ତାଙ୍କର ସ୍ୱାମୀ ଓ ପୁଅ ଅନ୍ୟ ଘରେ ଆଶ୍ରୟ ନେଉଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଶାନ୍ତ ଶତପଥୀଙ୍କୁ ଯୋଗାଯୋଗ କରିବାରୁ, ମୁଁ ଟିକେ ବ୍ୟସ୍ତ ଅଛି। ସେ ବିଷୟରେ ପରେ କଥା ହେବି ବୋଲି ଉତ୍ତର ଦେଇଛନ୍ତି।

## ସଂକ୍ଷେପରେ



### ନୀଳାଞ୍ଚଳ ସାରସ୍ୱତ ସଂଘର ବାର୍ଷିକ ଉତ୍ସବ

ଚିତ୍ରକୋଣ୍ଡା,୨୯।୧୨(ଡି.ଏନ.ଏ.): ସ୍ଥାନୀୟ ଚିତ୍ରକୋଣ୍ଡାସ୍ଥିତ ନୀଳାଞ୍ଚଳ ସାରସ୍ୱତ ସଂଘ ଶାଖାର ୪୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳୁ ରାତି ପର୍ଯ୍ୟନ୍ତ ପାଦପୂଜା, ପୂଜାର୍ଚ୍ଚନା, ଆରତି ସ୍ତୋତ୍ର ବନ୍ଦନା, ଜ୍ଞାନଲୋଚନ,ସତ୍‌ସଙ୍ଗ ଓ ସଙ୍କୀର୍ତ୍ତନ କାର୍ଯ୍ୟକ୍ରମ ହୋଇଥିଲା। ସଂଘ ସଭାପତି ପ୍ରଭାତ ପାତ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶତାଧିକ ଗୁରୁ ଭାଇ ଓ ମା' ମାନେ ଉପସ୍ଥିତ ଥିଲେ। ଉତ୍ସବକୁ ସମ୍ପାଦକ ସଞ୍ଜୟ କୁମାର ପରିଡା ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ସଂଘ ପୁରୀ ବୀରତୁଙ୍ଗସ୍ଥିତ ସଂଘ ଅଧୀନରେ କାର୍ଯ୍ୟ କରୁଛି।

### ନବରଙ୍ଗପୁର ଶିଷ୍ଟ କରଣ ସଂଘ ଗଠିତ



ନବରଙ୍ଗପୁର,୨୯।୧୨(ବି.ପ୍ର.): ସ୍ଥାନୀୟ ଆରଏମସି ପ୍ରାଙ୍ଗଣରେ ସହରର ଶିଷ୍ଟ କରଣ ପରିବାରଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଆଇନଜୀବୀ ଅରବିନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶିଷ୍ଟ କରଣ ସମାଜର ବିଭିନ୍ନ ସମସ୍ୟାର ସମାଧାନ ସମେତ ଗରିବ ପରିବାର ଗୁଡିକର ସାମଗ୍ରୀକ ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଆଲୋଚନା ହୋଇଥିଲା। ଏଥିପାଇଁ ଶିଷ୍ଟ କରଣ ନାମରେ ଏକ ସଂଘ ଗଠନ କରାଯାଇଥିଲା। ଏହି ସଂଘର ନୂତନ ସଭାପତି ଭାବେ ପୂର୍ବତନ ନବରଙ୍ଗପୁର ପୌରାଧକ୍ଷା ପ୍ରମିଳା ପଟ୍ଟନାୟକ,ଉପ ସଭାପତି କିଶୋର ପଟ୍ଟନାୟକ,ସମ୍ପାଦକ ମହେଶ୍ୱର ପଟ୍ଟନାୟକ,ସହ ସମ୍ପାଦକ ସତୀଶ ପଟ୍ଟନାୟକ ଏବଂ ମୁଖ୍ୟ ଉପଦେଷ୍ଟା ଅରବିନ୍ଦ ପଟ୍ଟନାୟକ ଓ କୋଷାଧକ୍ଷ ଚନ୍ଦ୍ର ଶେଖର ପଟ୍ଟନାୟକ ନିର୍ବାଚିତ ହୋଇଥିଲେ। ଏହି ସଭା କାର୍ଯ୍ୟରେ ନାରାୟଣ ରାଓ,ରାମକୃଷ୍ଣ ପଟ୍ଟନାୟକ,ସତ୍ୟ ନାରାୟଣ ପଟ୍ଟନାୟକ,ସୁଧାକର ପଟ୍ଟନାୟକ,ରାଜ କିଶୋର ପଟ୍ଟନାୟକ,ଅବନୀ ପଟ୍ଟନାୟକ ସହଯୋଗ କରିଥିଲେ। ଏଥିରେ ସହରର ବିଭିନ୍ନ ସାହିର କରଣ ପରିବାରର ସଦସ୍ୟ ମାନେ ଯୋଗ ଦେଇଥିଲେ।

### ଦୁର୍ଘଟଣାରେ ବାଇକ ଚାଳକ ମୃତ

ରାୟଗଡ଼ା ଅଫିସ,୨୯।୧୨: ରାୟଗଡ଼ା ସହର ଗଜପତି ଛକରେ ରବିବାର ଏକ ଦୁର୍ଘଟଣାରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୋଲନରା ହାରକା ରାଜା। ପ୍ରକାଶ ଯେ, ରାଜା ଜଣେ ସାଙ୍ଗ ସହ କୌଣସି କାମରେ ବାଇକ୍ (ଓଡି-୨୫-୩୬୪୧) ଯୋଗେ ରାୟଗଡ଼ା ଆସିଥିଲେ। ଗଜପତି ଛକର ଏକ ଗଳିରୁ ମୁଖ୍ୟ ରାସ୍ତାକୁ ଯିବାବେଳେ ହଠାତ୍ ଏକ ଟ୍ରକ୍ ଆସି ଯାଇଥିଲା। ବାଇକ୍‌ଟି ଯାଇ ଟ୍ରକ୍‌ର ପଛ ଛକରେ ମାଡ଼ ହୋଇଥିଲା। ଘଟଣାସ୍ଥଳରେ ହିଁ ରାଜାଙ୍କ ମୃତ୍ୟୁ ହୋଇଥିଲା। ଟ୍ରକ ମାଲିକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଫରେଷ୍ଟର ଗିରଫ

ବ୍ରହ୍ମପୁର ଅଫିସ,୨୯।୧୨: ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଛନ୍ଦି ହୋଇଥିବା କନ୍ଧମାଳ ଜିଲା ଦାରିଙ୍ଗିବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଫରେଷ୍ଟର କୈଳାସ ଚନ୍ଦ୍ର ସାହୁଙ୍କୁ ରବିବାର ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇଛି। କୈଳାସଙ୍କ ସ୍ତ୍ରୀ ଶ୍ରଦ୍ଧାଞ୍ଜଳିଙ୍କ ନାମରେ ପ୍ରାୟ ସମସ୍ତ ସମ୍ପତ୍ତି ଠୁଳ କରାଯାଇଥିବା ଜଣାପଡ଼ିବାରୁ ତାଙ୍କ ନାମରେ ମଧ ମାମଲା ରୁଜୁ କରାଯାଇଛି। ଶ୍ରଦ୍ଧାଞ୍ଜଳିଙ୍କୁ ଧରାଯାଇ ପାରିନି। ପୋଲିସ ଏବେ ଏ ନେଇ ଅଧିକ ତଦନ୍ତ ଜାରି ରଖିଛି ବୋଲି ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ ସୂଚନା ଦେଇଛନ୍ତି। ଫରେଷ୍ଟର କୈଳାସ ୮୮,୮୧, ୫୬୪ ଟଙ୍କାର ହିସାବ ଦେଇ ପାରି ନ ଥିଲେ। ଯାହାକି ତାଙ୍କ ଆୟର ଶତକଡା ୧୫୫ ଭାଗ। ତେଣୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ମାମଲା ନଂ.୩୬/୧୯ ଅନୁସାରେ ଗିରଫ କରାଯାଇଛି।

■ ନାବାଳିକା ବଳାତ୍କାର ଓ ହତ୍ୟା ଘଟଣା

# ପୀଡିତାଙ୍କ ପରିବାରକୁ ଭେଟିଲେ ଆଇନଜୀବୀ

ନବରଙ୍ଗପୁର/କୋଷାଗୁମୁଡ଼ା, ୨୯।୧୨(ବି.ପ୍ର./ଡି.ଏନ୍.ଏ.)



ଆଇନଜୀବୀ ସଂଘର ପ୍ରତିନିଧି ଦଳ।

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ ବାମୁଣୀ ପଞ୍ଚାୟତର ଏକ ଗ୍ରାମରେ ଗତ ୧୩ ତାରିଖ ରାତିରେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା କରାଯାଇଥିଲା। ପୋଲିସ ବାରମ୍ବାର ତଦନ୍ତ ପାଇଁ ଯାଉଥିଲେ ମଧ କୌଣସି ସୁଫଳ ମିଳୁ ନାହିଁ। ୧୬ ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ପୋଲିସ ଧରି ପାରୁ ନାହିଁ। ରବିବାର ନବରଙ୍ଗପୁର ଜିଲା ଆଇନଜୀବୀ ସଂଘ ସଭାପତି ନରସିଂହ ତ୍ରିପାଠୀ ଏବଂ ସମ୍ପାଦକ ରାମ ପ୍ରସାଦ ପାତ୍ରଙ୍କ ନେତୃତ୍ୱରେ ୨୦ ଜଣ ପ୍ରତିନିଧି ଦଳ ଉକ୍ତ ଗ୍ରାମକୁ ଯାଇ ପୀଡିତାଙ୍କ ପିତା, ମାତା ଏବଂ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ପୋଲିସ ତଦନ୍ତକୁ ତ୍ୱରାନ୍ୱିତ କରି ଅଭିଯୁକ୍ତମାନଙ୍କୁ ଯଥାଶିଘ୍ର ଗିରଫ କରିବାକୁ ସଭାପତି ଦାବି ଜଣାଇଥିଲେ । ସଂଘର ସଭାପତି କହିଥିଲେ ଯେ ପ୍ରାଥମିକ ଅନୁଧ୍ୟାନରୁ ଜଣାପଡୁଛି ଯେ, ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି । ଏହି ଘଟଣାରେ ଦୁଇରୁ ଅଧିକ ଅଭିଯୁକ୍ତ ସମ୍ପୃକ୍ତ ଥିବା ଅନୁମାନ କରାଯାଉଛି । ପୀଡିତାଙ୍କ ପରିବାରଙ୍କୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ ବୋଲି ସଂଘ ଦାବି ଜଣାଇଥିଲା । ସଂଘର ସମସ୍ତ ସଭ୍ୟମାନେ ଘଟଣା ଘଟିଥିବା ସ୍ଥାନକୁ ଯାଇ ପଚରାଉଚରା କରିଥିଲେ । ଏହି ପ୍ରତିନିଧି ଦଳରେ ଉପସଭାପତି ହରିନାରାୟଣ ବେହେରା, ସହସମ୍ପାଦକ ଦାମୋଦର ତ୍ରିପାଠୀ, କୋଷାଧକ୍ଷ ସୀମାଞ୍ଚଳ ପାତ୍ର, ବରିଷ୍ଠ ଆଇନଜୀବୀ ଉମେଶ ଚନ୍ଦ୍ର ମିଶ୍ର, କୁଞ୍ଜବିହାରୀ ଦାଶ, ଅରୁଣ ପ୍ରସନ୍ନ ନାୟକ, ଅର୍ଜୁନ ବିଷୋୟୀ, ପ୍ରଦୀପ ପାତ୍ର, ଏ. ସତୀଶ, ତ୍ରିପତୀ ମାଝି, ଶ୍ରୀନିବାସ ପାତ୍ର, ତୁଳସୀରାମ ସମରଥ, ତାରିଣୀ ଦାସ, ବାକୁଲୀ ବାଘ, ଶ୍ରୀକାନ୍ତ ପଣ୍ଡା ଏବଂ ଅନ୍ୟ ଓକିଲମାନେ ଉପସ୍ଥିତ ଥିଲେ ।

■ ଘଟଣାସ୍ଥଳ ପରିଦର୍ଶନ କଲେ ଆଇନ୍‌ଜୀବୀ
■ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ

## ମାସକରେ ଚୋରି ହେଲାଣି ୧୧ ଛେଳି

ମାଲକାନଗିରି,୨୯।୧୨(ଡି.ଏନ.ଏ)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡକୁ ଲାଗିଥିବା ପଡିଆ ଏବଂ କାଲିମେଳା ବ୍ଲକର ଆଦିବାସୀ ଗ୍ରାମଗୁଡିକରୁ କ୍ରମାଗତ ଭାବେ ଛେଳି ଚୋରି ହେଉଥିବା ଅଭିଯୋଗ ହେଉଛି। ଗତ ଏକ ମାସ ମଧ୍ୟରେ ଗ୍ରାମରୁ ୧୧ଟି ଛେଳି ଚୋରି ହେଲାଣି। ନିକଟରେ ମାଟାପାକା ପଞ୍ଚାୟତ ପୁରୁଣାଗୁଡାରେ ରହୁଥିବା ସରପଞ୍ଚ ବିନାୟକ ମାଡକାମିଙ୍କ ଘରକୁ ରାତିରେ ୨ଜଣ ବ୍ୟକ୍ତି ଆସି ଛେଳି ଖରିଦ କରିବାକୁ ଆସିଛୁ। ଆମକୁ ୨ଟି ଛେଳି ଦିଅ ବୋଲି କହିଥିଲେ। ପରେ ସେମାନେ ଜବରଦସ୍ତି ଗୁହାଳରେ ପଶି ଆପଣଙ୍କ ଛେଳି ଅଛି ଆମେ ଟଙ୍କା ଦେଇ ୨ଟା ଛେଳି ନେବୁ ବୋଲି କହିଥିଲେ। ମାତ୍ର ବିନାୟକ ଛେଳି ବିକ୍ରି କରିବି ନାହିଁ ବୋଲି କହି ସେମାନଙ୍କୁ ଫେରାଇ ଦେଇଥିଲେ। ତା'ପରଦିନ ରାତିରେ ତାଙ୍କର ୨ଟି ଛେଳି ଗୁହାଳରୁ ଚୋରି ହୋଇଯାଇଥିଲା। ସେହିପରି ମାଟାପାକା ଗ୍ରାମର କେସା ବଞ୍ଜାମିଙ୍କ ୨ଟି, କେସା କୁଞ୍ଜାମିଙ୍କ ୨ଟି, ଉଙ୍ଗା ମାଡକାମିଙ୍କ ଗୋଟିଏ, ମାଶା ମାଡକାମିଙ୍କ ଗୋଟିଏ, ଡଡିଗୁଡା ଗ୍ରାମର କଶା ମାଡକାମିଙ୍କ ଗୋଟିଏ, ନିଳିଗୁଡା ଗ୍ରାମର ସିଙ୍ଗା କାମରାମିଙ୍କ ଗୋଟିଏ, କୋୟାଗୁଡାର ଦେବା ସୋଡିଙ୍କ ଗୋଟିଏ ଛେଳି ଚୋରି ହୋଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ରାତିରେ ଅନେକ ଆଦିବାସୀ ଲୋକ ସେମାନଙ୍କ ଜମିରେ ଧାନ ଅମଳ କରି ଏହାକୁ ଜଗି ରହୁଛନ୍ତି। ଏହାର ସୁଯୋଗ ନେଇ ଛେଳି ଚୋରମାନେ ଛେଳି ନେଇ ଚାଲିଯାଉଛନ୍ତି ବୋଲି କେତେକ ଗ୍ରାମବାସୀ କହିଛନ୍ତି। ଏସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ। ଏଣିକି ଚୋର ଧରିବା ପାଇଁ ପ୍ରତି ଗ୍ରାମରେ ଯୁବକମାନେ ରାତିରେ ଜଗିବେ। କେହି ଧରାପଡିଲେ ତାକୁ ପୋଲିସ ଜିମା ଦେବେ ବୋଲି ଗ୍ରାମରେ ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ଚଢାଉ: ବ୍ୟାପକ ପରିମାଣରେ ଗଞ୍ଜେଇ ଚାଷ ନଷ୍ଟ

କୋରୁକୋଣ୍ଡା/ଚିତ୍ରକୋଣ୍ଡା, ୨୯।୧୨(ଡି.ଏନ. ଏ)



ଗଞ୍ଜେଇ ଗଛ ନଷ୍ଟ କରାଯାଉଛି।

ମାଲକାନଗିରି ଜିଲା ଓର୍କେଲ ଥାନା ଅନ୍ତର୍ଗତ ଆମ୍ବାଗୁଡା ଗ୍ରାମର ଉପର ମୁଣ୍ଡରେ ଗଞ୍ଜେଇ ଚାଷ ହେଉଥିବା ଖବର ପାଇ ଓର୍କେଲ ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ଏହାକୁ ଶନିବାର ନଷ୍ଟ କରାଯାଇଛି। ୩୨ ଏକର ଜଙ୍ଗଲ ଜମିରେ ଚାଷ କରାଯାଇଥିବା ୪୪,୮୦୦ ଗଞ୍ଜେଇ ଗଛ ନଷ୍ଟ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୪ କୋଟି ୪୮ ଲକ୍ଷ ଟଙ୍କା ହେବ। ଆଗକୁ ଗଞ୍ଜେଇ ଅମଳ ଋତୁ ଆସୁଥିବାରୁ ଏଭଳି ଚଢାଉ ଜାରି ରହିବ ବୋଲି ଉଭୟ ବିଭାଗ ପକ୍ଷରୁ କୁହାଯାଇଛି।

ଚିତ୍ରକୋଣ୍ଡା ପୋଲିସ ଓ ଅବକାରୀ ବିଭାଗ ମିଳିତ ଆନୁକୂଲ୍ୟରେ ଏକ ଲକ୍ଷ ସତେଇଶ ହଜାର ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଖିଲଗୁଡା ଓ ଚିତ୍ରକୋଣ୍ଡା ପଞ୍ଚାୟତ ଅନ୍ତର୍ଭୁକ୍ତ ଆରଏସସି-୧୬ନମ୍ବର ରାସ୍ତା ପାର୍ଶ୍ୱରୁ ୭୫ ଏକର ଜମିରୁ ଏହି ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଏହି ଚଢାଉରେ ଥାନା ଅଧିକାରୀ ଯୁଗଳ ଶବର,ଏସଆଇ ବିକ୍ରମ କେଶରୀ ପାଇକରାୟଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

## ବିଜେଡିର ସାଙ୍ଗଠାନିକ ପ୍ରକ୍ରିୟା ଆରମ୍ଭ

ନବରଙ୍ଗପୁର,୨୯।୧୨(ବି.ପ୍ର.)

ନବରଙ୍ଗପୁର ଜିଲାରେ ବିଜେଡିର ସାଙ୍ଗଠାନୀକ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲାରେ ସାଙ୍ଗଠାନିକ ନିର୍ବାଚନ ପାଇଁ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏନେଇ ନିର୍ବାଚନ ଅଧିକାରୀ ସଚି ନନ୍ଦନ ସ୍ୱାଇଁଙ୍କ ସଭାପତିତ୍ୱରେ ୧୦ଟି ବ୍ଲକ ଓ ନବରଙ୍ଗପୁର, ଉମରକୋଟ ପୌରାଞ୍ଚଳର ୧୨ ଜଣ ସହକାରୀ ନିର୍ବାଚନ ଅଧିକାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ୫ଟି ପର୍ଯ୍ୟାୟରେ ନିର୍ବାଚନ ହେବ । ଗ୍ରାମ ପଞ୍ଚାୟତ ୱାର୍ଡ ସ୍ତରରୁ, ରାଜ୍ୟ ସ୍ତର ପର୍ଯ୍ୟନ୍ତ ନିର୍ବାଚନ ହେବ । ଉକ୍ତ ବୈଠକରେ ଏମପି ରମେଶ ଚନ୍ଦ୍ର ମାଝୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଯୋଗ ଦେଇଥିଲେ ।

## ଶୀତ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଅସ୍ଥାୟୀ ଆଶ୍ରୟସ୍ଥଳ ବ୍ୟବସ୍ଥା

କାଲିମେଳା,୨୯।୧୨(ଡି.ଏନ.ଏ.)

ସାରା ରାଜ୍ୟରେ ଜାରି ରହିଛି ଶୀତ ଲହରୀ। ଲୋକମାନେ ସକାଳେ ଏବଂ ସନ୍ଧ୍ୟା ସମୟରେ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ଶୀତର ଲହରୀ ଆଗକୁ ରହିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ଏହି ଶୀତ ଲହରୀ ମାଲକାନଗିରି ଜିଲାରେ ମଧ ଦେଖିବାକୁ ମିଳିଛି । ଗତ ୩ରୁ ୪ ଦିନ ଧରି କାଲିମେଳା ବ୍ଲକ ଅଞ୍ଚଳରେ ଅଧିକ ଶୀତ ଅନୁଭୂତ ହେଉଛି । ପ୍ରବଳଥଣ୍ଡା ଓ କୋହଲା ପାଗ ଲୋକଙ୍କୁ ଅସ୍ତବ୍ୟସ୍ତ କରିଛି। ଏହି ଶୀତ କାକରକୁ ଦୃଷ୍ଟିରେ ରଖି ବ୍ଲକ ପ୍ରଶାସନ ବ୍ଲକର ଥିବା ସମସ୍ତ ବାସହୀନ ଏବଂ ଗରିବ ଲୋକମାନଙ୍କୁ ଶୀତରୁ ରକ୍ଷା ପାଇବା ପାଇଁ ରାତିରେ ବିଭିନ୍ନ ପଞ୍ଚାୟତ ଏବଂ ବ୍ଲକରେ ଥିବା ବିଭିନ୍ନ ଆଶ୍ରମ ବିଦ୍ୟାଳୟଗୁଡିକରେ ରହିବା ବ୍ୟବସ୍ଥା କରିଛି । ଆଶ୍ରମ ବିଦ୍ୟାଳୟ ଗୁଡିକ ଛୁଟି ସରିବା ପର୍ଯ୍ୟନ୍ତ ଏବଂ ପଞ୍ଚାୟତ କାର୍ଯ୍ୟାଳୟରେ ଶୀତ ପ୍ରବାହ ଜାରି ରହିଥିବା ପର୍ଯ୍ୟନ୍ତ ଏହି ସୁବିଧା ଲୋକଙ୍କୁ ମିଳିବ। ଆଶ୍ରମରେ ଲୋକଙ୍କୁ କମ୍ବଳ ପ୍ରଦାନ କରାଯିବ। ତେବେ ଲୋକଙ୍କ ପାଇଁ କୌଣସି ରନ୍ଧା ଖାଦ୍ୟ ବ୍ୟବସ୍ଥା କରାଯାଇନାହିଁ। ଆବଶ୍ୟକ ସ୍ଥଳେ ଶୁଖିଲା ଖାଦ୍ୟ ଦେବାକୁ ବ୍ୟବସ୍ଥା କରାଯିବ ବୋଲି ବିଡିଓ ଉମା ଶଙ୍କର ଦଳାଇ କହିଛନ୍ତି । ବିଡିଓଙ୍କ ଏଭଳି ଉଦ୍ୟମକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘଇତାଙ୍କର ବାହାନ କାହାଣ ଚରଣ**
**ମାଇପ କହୁଛନ୍ତି ଚନ୍ଦ୍ର ଉଦିଆ କିଣ ।**

ସ୍ୱାମୀର ଆୟ ଦେଖି ନିଜର ଆବଶ୍ୟକତା ପୂରଣ କରିବା ସ୍ତ୍ରୀ ପକ୍ଷେ ଶୋଭା ପାଇଥାଏ। ପରନ୍ତୁ ସ୍ୱାମୀ ଯେତେବେଳେ କପର୍ଦ୍ଦକଶୂନ୍ୟ, ଅଭାବଗ୍ରସ୍ତ ସେତେବେଳେ ସ୍ତ୍ରୀଧର୍ମ ରକ୍ଷା ନ କରି ନିଜ ସଉକ ପୂରଣ ପାଇଁ ଅଡିବସିବା ଅବିବେକୀର ପରିଚୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘରେ ନ ପାଏ ତୋରାଣିରେ ଲୁଣ**
**ଘର ଘରେ ଲୋଡ଼େ ତିନି ତୁଉଣ ।**

ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କଠାରେ କୌଣସି ପ୍ରକାରର ଲାଳସା ଭାବନା ଶୋଭା ପାଇ ନ ଥାଏ। ଦିନକୁ ଦି'ଓଳି ଦି'ମୁଠେ ଖାଇବାକୁ ପାଉ ନ ଥିବା ଦୀନହୀନ ଦରିଦ୍ର ବ୍ୟକ୍ତି ଘର ଘର ବୁଲି ସ୍ୱାଦିଷ୍ଟ ବ୍ୟଞ୍ଜନ ଖୋଜିବା ହାସ୍ୟାସ୍ପଦ ମନେ ହୋଇଥିବା ସ୍ଥଳେ ଅଭାବୀ ବ୍ୟକ୍ତିର ସ୍ୱାଦିଷ୍ଟ ଭୋଜନ କରିବା ନେଇ ମନରେ ରହିଥିବା ଲାଳସା ଭାବନା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

■ ଯୁବ ମତ ବିନିମୟ କାର୍ଯ୍ୟକ୍ରମ

## ମାଲକାନଗିରି ଫେରିଲେ ୩୦ ପ୍ରତିଭା



ମତ ବିନିମୟ କାର୍ଯ୍ୟକ୍ରମ ସାରି ରାଜସ୍ଥାନରୁ ଫେରିଥିବା ଯୁବତୀ ଯୁବକମାନେ।

ମାଲକାନଗିରି, ୨୯।୧୨(ଡି.ଏନ.ଏ)

ମାଲକାନଗିରି ଜିଲାରୁ ୩୦ ଜଣ ଯୁବତୀ ଯୁବକ ଭାରତ ସରକାରଙ୍କ ସହାୟତାରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ରାଜସ୍ଥାନରେ ହୋଇଥିବା ୧୨ତମ ଆଦିବାସୀ ଯୁବ ମତ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେଇ ରବିବାର ମାଲକାନଗିରି ଫେରିଛନ୍ତି। ମାଲକାନଗିରି ଜିଲାର ଦୁର୍ଗମ ଅଞ୍ଚଳରେ ଥିବା ଟେମୁରୁପାଲି, କୁଡୁମୁଲୁଗୁମ୍ମା, ଚିତ୍ରକୋଣ୍ଡା, କୋଇକୋଣ୍ଡା, ପାଣ୍ଡ୍ରାଗୁଡ଼ା, ଆରଏସ.ସି-୧, ଦୋରାଗୁଡ଼ା, ବଡ଼ପଦର ଆଦି ଗ୍ରାମର ୧୭ ଜଣ ଯୁବତୀ ଓ ୧୩ ଜଣ ଯୁବକ ଯାଇଥିଲେ। ଏମାନଙ୍କ ସହ ଏଏସଆଇ ଭାକର ରାମ ଓ ୨ ଜଣ ମହିଳା କନଷ୍ଟେବଳ ରାଜସ୍ଥାନ ଯାଇଥିଲେ। ବିଏସଏଫ ପକ୍ଷରୁ ଏପରି ସର୍ବଭାରତୀୟ ସ୍ତରର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ମାଓବାଦୀ ଅଧ୍ୟୁଷିତ ଅଞ୍ଚଳର ଆଦିବାସୀ ଯୁବତୀଯୁବକଙ୍କ ମଧ୍ୟରେ ଦେଶପ୍ରେମ, ଏକତା, ଗଣତନ୍ତ୍ରର ସୁରକ୍ଷା, ଭ୍ରାତୃତ୍ୱ, ଜାତୀୟ ସଂହତି ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏଭଳି କାର୍ଯ୍ୟକ୍ରମ କରାଯାଇଥିଲା।

## ସ୍ୱାମୀ ଠେଙ୍ଗା ମାଡ଼ରେ ସ୍ତ୍ରୀର ମୃତ୍ୟୁ



ଝରିଗାଁ,୨୯।୧୨(ସ୍ୱ.ପ୍ର)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚକଲାପଦର ପଞ୍ଚାୟତ କୁସୁମବାହାଲ ଗ୍ରାମରେ ଶୁକ୍ରବାର ସ୍ୱାମୀର ଠେଙ୍ଗା ମାଡରେ ସ୍ତ୍ରୀର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଦିବାଇ ଜାନୀ। କୁସୁମବାହାଲ ଗ୍ରାମର ବୁଦୁ ଜାନୀ ଏବଂ ତାଙ୍କ ସ୍ତ୍ରୀ ଦିବାଇଙ୍କ ମଧ୍ୟରେ ଶୁକ୍ରବାର ପାରିବାରିକ ଗଣ୍ଡଗୋଳ ହୋଇଥିଲା। ହଠାତ୍ ବୁଦୁ ରାଗିଯାଇ ପାଖରେ ଥିବା ଠେଙ୍ଗାରେ ଦିବାଇଙ୍କ ମୁଣ୍ଡକୁ ଆଘାତ ଦେଇଥିଲେ। ଏହା ପରେ ରକ୍ତାକ୍ତ ଅବସ୍ଥାରେ ସ୍ତ୍ରୀ ଦିବାଇ ଘରୁ ବାହାରି ଯାଇଥିଲେ। ଶନିବାର ସକାଳେ ଘର ପାଖରେ ଥିବା ପାଳ ଗଦାରେ ଦିବାଇ(୪୫) ମରି ପଡିଥିବା ଗ୍ରାମବାସୀ ଦେଖିଥିଲେ। ଏନେଇ ଦିବାଇଙ୍କ ଭାଇ ନିଳ ଜାନୀ ଶନିବାର ଅପରାହ୍ନରେ ଝରିଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣା ସ୍ଥଳରେ ଏସ୍‌ଆଇ ସନ୍ତୋଷ କୁମାର ମାଝୀ ପହଞ୍ଚି ଦିବାଇଙ୍କ ମୃତଦେହ ଉଦ୍ଧାର କରିବା ସହ ସ୍ୱାମୀ ବୁଦୁଙ୍କୁ ଗିରଫ କରିଛି। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ବୁଦୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଡିପିଓ ହେମନ୍ତ କୁମାର ପାଢୀ କହିଛନ୍ତି। ଝରିଗାଁ ଥାନାରେ ନଂ ୧୩୪/୨୦୧୯ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

## ରଶ୍ମିରଞ୍ଜନ ସିଦ୍ଧାଶ୍ରମରେ ଶ୍ରଦ୍ଧାର୍ପଣ ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

ନବରଙ୍ଗପୁର,୨୯।୧୨(ବି.ପ୍ର)

ସ୍ଥାନୀୟ ରଶ୍ମିରଞ୍ଜନ ସିଦ୍ଧାଶ୍ରମରେ ଆଶ୍ରମ ପ୍ରତିଷ୍ଠାତା ଜଗତଗୁରୁ ସ୍ୱାମୀ ରଶ୍ମିରଞ୍ଜନ ନନ୍ଦଙ୍କ ଚତୁର୍ଦ୍ଦଶ ଶ୍ରଦ୍ଧାର୍ପଣ ଦିବସ ଏବଂ ବନୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଏମପି ରମେଶ ଚନ୍ଦ୍ର ମାଝି, ସମ୍ମାନିତ ଅତିଥି ବିଧାୟକ ସଦାଶିବ ପ୍ରଧାନୀ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶ ରମାକାନ୍ତ ନାୟକ, ବିଡିଓ ଲଳିତ କୁମାର ମଣ୍ଡଳ, ଗଣେଶ୍ୱର ଦାସ, ନବରଙ୍ଗପୁର ନିଗମାନନ୍ଦ ସତସଙ୍ଗର ସଭାପତି ନରାୟଣ ପଣ୍ଡା ଯୋଗ ଦେଇଥିଲେ। ରଶ୍ମିରଞ୍ଜନ ସିଦ୍ଧାଶ୍ରମର ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟକ୍ରମ ଓ ତାର ସକାରତ୍ମକ ପ୍ରଭାବ ଓ ଆଶ୍ରମ ପ୍ରତିଷ୍ଠାତାଙ୍କ ଜୀବନର ଆଦର୍ଶ ଓ ଆଶ୍ରମର ପ୍ରେରଣା ବାଣୀ ସମ୍ପର୍କରେ ଅତିଥିମାନେ ବ୍ୟାଖାନ କରିଥିଲେ। ଆଶ୍ରମର ଅଧକ୍ଷ ରଶ୍ମିପ୍ରସାଦ ଡଃ ନୀଳକଣ୍ଠ ପାଢୀ ଅଧକ୍ଷତା କରିଥିଲେ। ଶିବ ଶଙ୍କର ପାତ୍ର, ଗୌତମ ବିଷୋୟୀ, ଦଶମୁ ପାତ୍ର ପରିଚାଳନା କରିଥିଲେ। ସଂଯୁକ୍ତା ପାଣିଗ୍ରାହୀ ପ୍ରତିନିଧିତ୍ୱ କରିଥିଲେ। ତାରାଗାଁ ଓ ଅଟଳବେଡାର ସଂକୀର୍ତ୍ତନ ମଣ୍ଡଳୀ, ଶତାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ଗ୍ରାମ ପରିକ୍ରମା ଓ ନଗର କୀର୍ତ୍ତନ କରାଯାଇଥିଲା। ରଜନୀକାନ୍ତ ସାସମଲ, ଗୋପବନ୍ଧୁ ବିଷୋୟୀ, ତପନ କିରଣ ତ୍ରିପାଠୀ, ଡଃ ବାଲାଜୀ କିଶୋର ରାୟ, ମମତା ହରିଜନ, ଝୁନୁ ହଡପ, ବିଷ୍ଣୁପ୍ରିୟା ଭଦ୍ରା, ବିଭୁତି ଭୂଷଣ ପାତ୍ର, ବିଜୟ ଲକ୍ଷ୍ମୀ ବେଜ, ଲିଙ୍ଗରାଜ ମହାପାତ୍ର, ରାଜେନ୍ଦ୍ର ପ୍ରସାଦ ପାଢୀ, ଦେବୀ ପ୍ରସାଦ ସିଂ, ଫକୀର ବିଷୋୟୀ, ଉଲ୍ଲାସ ଚନ୍ଦ୍ର ସ୍ୱାଇଁ, ସୁଧାଂଶୁ ବିଷୋୟୀ, ଧରିତ୍ରୀ ବିଷୋୟୀ, ଇନ୍ଦୁମତୀ ପାଢୀ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଶୀତରେ ଥରୁଛି ଚିତ୍ରକୋଣ୍ଡା

ଚିତ୍ରକୋଣ୍ଡା,୨୯।୧୨(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକରେ ପ୍ରଚଣ୍ଡ ଶୀତ ଅନୁଭୂତ ହେଉଛି। ଏହି ପଞ୍ଚାୟତ ସମିତି ଅନ୍ତର୍ଗତ ୧୮ଟି ପଞ୍ଚାୟତର ୯୦ ଭାଗ ଅଞ୍ଚଳ ଉଚ୍ଚ ପାହାଡିଆ ସ୍ଥାନ। ଉକ୍ତ ଅଞ୍ଚଳକୁ ନଦୀ, ନାଳ, ପାହାଡ଼, ପର୍ବତ,ବଣ ଓ ଜଙ୍ଗଲ ଘେରି ରହିଛି । ଫଳରେ ପ୍ରତିବର୍ଷ ଉକ୍ତ ଅଞ୍ଚଳରେ ଅଧିକ ପରିମାଣର ଶୀତ ହୋଇଥାଏ। ଚଳିତ ବର୍ଷ ମଧ ଅଧିକ ମାତ୍ରାରେ ଶୀତ ହେଉଛି। କିଛିଦିନ ହେଲା ସକାଳୁ ଅଧିକ ପରିମାଣର କୁହୁଡ଼ି ପଡୁଛି। କେବେ ଝିପି ଝିପି ବର୍ଷା ହେଉଛି। ସକାଳ ୯ଟା ପର୍ଯ୍ୟନ୍ତ ଶୀତ ଲାଗି ରହୁଛି। ଗ୍ରାମଗୁଡିକରେ ବଡ ଗଣ୍ଡି କାଠ ଓ ପାଳରେ ନିଆଁ ଜାଳି ସକାଳ ସନ୍ଧ୍ୟାରେ ଲୋକେ ବସ ରହୁଥିବା ଦେଖିବାକୁ ମିଳୁଛି। ଚିତ୍ରକୋଣ୍ଡା-ବାଲିମେଳା ଘାଟି ରାସ୍ତାରେ ସକାଳେ ଏବଂ ରାତିରେ କୁହୁଡ଼ି ପଡୁଥିବାରୁ ଗାଡି ଚଳାଚଳରେ ଚାଳକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧିକ ଶୀତ ଯୋଗୁ ଛୋଟ ପିଲାଙ୍କୁ ଥଣ୍ଡା ,କାଶ,ଜ୍ୱର ଲାଗିରହୁଥିବା ଜଣାପଡିଛି।



ଲୋକମାନେ ନିଆଁଜାଳି ବସିଛନ୍ତି।

ଚଇତିର ଚତୁର୍ଥ ସନ୍ଧ୍ୟା ଥିଲା ରବିବାର। ଛୁଟି ଦିନରେ ଚଇତି ପଡିଆରେ ଜମିଥିଲା ପ୍ରବଳ ଜନସମାଗମ। ଜାଡ଼ରେ ଲୋକେ ଥରୁଥିଲେ ଯଦିଓ, କିନ୍ତୁ ନୃତ୍ୟ ଗୀତର ଫ୍ୟୁଜନ ମାହୋଲକୁ ଉଷ୍ମ କରି ଦେଇଥିଲା। ଚଇତି ମଞ୍ଚରେ ରଙ୍ଗ ଭରିଥିଲା ଗୋଟିପୁଅ, ଛଉ, ମଣିପୁରୀ, ସମ୍ବଲପୁରୀ ଓ ଘୁମୁରା ଭଳି ଲୋକନୃତ୍ୟ। ଶୀତ ସନ୍ଧ୍ୟାରେ ଜମିଥିଲା ନୃତ୍ୟ-ସଙ୍ଗୀତର ଆସର।


ଚଇତି ମଞ୍ଚରେ ଉପସ୍ଥିତ ଅତିଥିମାନେ।



ରାୟଗଡ଼ା ନବୀନ ଡ୍ୟାନ୍ସ ଏକାଡେମୀ, କଳାହାଣ୍ଡିର କଳାକାରମାନେ ଆଦିବାସୀ ନୃତ୍ୟ ପରିବେଷଣ କରୁଛନ୍ତି।

ଚଇତି ଚତୁର୍ଥ ସନ୍ଧ୍ୟା

# ମଞ୍ଚ ଜମାଇଦେଲା ଛଉ, ଗୋଟିପୁଅ

ରାୟଗଡ଼ା ଅଫିସ, ୨୯।୧୨

ଆଦିବାସୀଙ୍କ ବିକାଶର ମାଧ୍ୟମ ପାଲଟିଛି ଚଇତି। ଜିଲାର କୋଣ ଅନୁକୋଣରୁ କଳାକାରଙ୍କ ପ୍ରତିଭା ଚଇତି ମଞ୍ଚରେ ବିକଶିତ ହେଉଛି ବୋଲି ଚଇତି ଚତୁର୍ଥ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ କହିଛନ୍ତି। ଅନୁସୂଚିତ ଜାତି, ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ସେହିଭଳି ଗୁଣୁପୁର ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଗୋରାଚାନ୍ଦ ଗମାଙ୍ଗ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର ଦାସ, ଜେକେ କାଗଜକଳ ଉପସଭାପତି ପବନ କୁମାର ସୁରୀ, ଦୋରାଗୁଡ଼ା ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ପ୍ରକଳ୍ପ ମୁଖ୍ୟ ଓ ସଭାପତି ଏନ୍ ନାଗେସ, ଥେରୁବାଲି ଇମ୍ଫା ଉପସଭାପତି କେ.ଭେଙ୍କଟେଶ୍ୱର ରାଓ, କଳାହାଣ୍ଡି ବେଦାନ୍ତ ଆଲୁମିନା ମୁଖ୍ୟ ପରିଚାଳନା ଅଧିକାରୀ ରାକେଶ ମୋହନ, ଏଲ୍ ଆଣ୍ଡ ଟି ରାୟଗଡ଼ା ଉପସାଧାରଣ ପ୍ରବନ୍ଧକ ସୁମିତ ଗାଙ୍ଗୁଲି, ମୁନିଗୁଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଧର କରଡ଼ା, ବିଷମକଟକ ପଞ୍ଚାୟତ ସମିତି ଅଧ୍ୟକ୍ଷା ବିଜୟଶାନ୍ତି କୁମୁରୁକା ପ୍ରମୁଖ ଉପସ୍ଥିତ ଥିଲେ। ଚଇତି ଚତୁର୍ଥ ସନ୍ଧ୍ୟାରେ ମ୍ୟୁଜିକ ଗ୍ୟାଲେକ୍ସି କଳାକାରମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଭୁବନେଶ୍ୱରର ପ୍ରଜ୍ଞା ଗ୍ରୁପର କଳାକାରଙ୍କ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ଖୋର୍ଦ୍ଧା କଳାକାରଙ୍କ ଗୋଟିପୁଅ ନୃତ୍ୟ ଓ ପଶ୍ଚିମବଙ୍ଗର ଛଉ ନୃତ୍ୟର ତାଳେତାଳେ ଦର୍ଶକମାନେ ଖୁବ୍ ଝୁମିଥିଲେ। ଗୁଡ଼ାରୀ ବ୍ଲକର କଳା ସଂସ୍କୃତି କେନ୍ଦ୍ର ଓ ବିଷମକଟକ କଳା ସଂସ୍କୃତି କଳାକାରଙ୍କ ଆଦିବାସୀ ନୃତ୍ୟ, ରାୟଗଡ଼ା ନୃତ୍ୟ ସଦନର ମଣିପୁରୀ, ଗାୟତ୍ରୀ କଳା ସଙ୍ଗଠନ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ରାୟଗଡ଼ା ଶିବା ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଫ୍ୟୁଜନ ଡ୍ୟାନ୍ସ, ଅମ୍ବାଦୋଳାର ଛାତ୍ରୀଛାତ୍ରଙ୍କ ଘୁମୁରା ନୃତ୍ୟ ଦର୍ଶକଙ୍କୁ ବେଶ୍ କିଛି ସମୟ ବାନ୍ଧି ରଖିଥିଲା। ଏହାଛଡ଼ା ରାୟଗଡ଼ା ନବୀନ ଡ୍ୟାନ୍ସ ଏକାଡେମୀ, ଗୁଣପୁର ବିଜୟ ଗମାଙ୍ଗ ଗ୍ରୁପ, ନବରଙ୍ଗପୁର ଜିଲା ସଂସ୍କୃତି ପରିଷଦ ଓ କଳାହାଣ୍ଡି ଜଇଲା କଳା ସଂସ୍କୃତି ପରିଷଦ କଳାକାରମାନେ ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ।


ଭୁବନେଶ୍ୱରର କଳାକାରମାନେ ଓଡ଼ିଶୀ ନୃତ୍ୟ କରୁଛନ୍ତି।

# ଲୋକଙ୍କୁ ସଚେତନ କରୁଛି ଆଇନ ସେବା ପ୍ରାଧିକରଣ ଷ୍ଟଲ


ଜିଲା ଜଜ୍ ଷ୍ଟଲ ଉଦ୍‌ଘାଟନ କରୁଛନ୍ତି।

ରାୟଗଡ଼ା ଅଫିସ, ୨୯।୧୨

ଚଇତି ଅବସରରେ ହେଉଥିବା ପଲ୍ଲିଶ୍ରୀ ମେଳାରେ ଜିଲା ଆଇନ ସେବା ପ୍ରାଧୀକରଣର ଏକ ଷ୍ଟଲ୍‌ର ଶୁଭ ଉଦ୍‌ଘାଟନ ଅଧ୍ୟକ୍ଷ ତଥା ଜିଲା ଜଜ୍ ସୋମଶେଖର ଜେନାଙ୍କ ଦ୍ୱାରା କରାଯାଇଛି। କାର୍ଯ୍ୟକ୍ରମରେ ପରିବାର ଅଦାଲତ ଜଜ୍ ସୌଭାଗିନୀ ମଲିକ, ଅତିରିକ୍ତ ଜିଲା ଜଜ୍ ଆଶିଷ କୁମାର ତ୍ରିପାଠୀ, ଚିଫ ଜୁଡ଼ିସିଆଲ ମାଜିଷ୍ଟ୍ରେଟ ଜ୍ଞାନେନ୍ଦ୍ର କୁମାର ବାରିକ, ସୋଭନ କୁମାର ପଣ୍ଡା ଏବଂ ସୂର୍ଯ୍ୟ ନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଲୋକମାନଙ୍କୁ ବିଭିନ୍ନ ଆଇନ ସମ୍ପର୍କରେ ଉକ୍ତ ଷ୍ଟଲରେ ସଚେତନ କରାଯିବ। କେଉଁ ବର୍ଗର ଲୋକେ ମାଗଣା ଆଇନ ସେବା ପାଇବେ, ମଧ୍ୟସ୍ଥତା ଦ୍ୱାରା ମାମଲାର ସମାଧାନ କରି କିପରି ଅର୍ଥ, ଶ୍ରମ ଓ ସମୟ ବଞ୍ଚା ଯାଇ ପାରିବ ସେ ନେଇ ଏଠାରେ ଲୋକଙ୍କୁ ସଚେତନ କରାଯିବ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ମନେନ ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା କରାଯାଉଛି।


ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଦର୍ଶକଙ୍କ ଭିଡ଼ ଜମିଛି।


ଉତ୍କଳ ଆଲୁମିନା ଅଧିକାରୀଙ୍କୁ ଜିଲାପାଳ ପୁରସ୍କୃତ କରୁଛନ୍ତି।


ଖୋର୍ଦ୍ଧାର କଳାକାରମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରୁଛନ୍ତି।


ପଶ୍ଚିମବଙ୍ଗର କଳାକାରମାନଙ୍କ ପକ୍ଷରୁ ପରିବେଷିତ ଛଉ ନୃତ୍ୟ।


ଗାୟତ୍ରୀ କଳା ସଙ୍ଗଠନର ସମ୍ବଲପୁରୀ ନୃତ୍ୟ।


ରାୟଗଡ଼ା ନୃତ୍ୟ ସଦନ କଳାକାରଙ୍କ ମଣିପୁରୀ ନୃତ୍ୟ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ସୋମବାର, ଡିସେମ୍ବର ୩୦/୨୦୧୯ Rayagada, Monday, December. 30/2019

## ସଂକ୍ଷେପରେ

### ବେତାଗୁଡ଼ା ଅଗ୍ନିଶମ କାର୍ଯ୍ୟାଳୟ
## ଦମକଳ ଅଛି, ପାଣି ନାହିଁ



ପାରଳାଖେମୁଣ୍ଡି, ୨୯।୧୨(ସ୍ୱ.ପ୍ର.): ପାରଳାଖେମୁଣ୍ଡି ସ୍ଥିତ ବେତାଗୁଡ଼ାଠାରେ ରହିଛି ଅଗ୍ନିଶମ କାର୍ଯ୍ୟାଳୟ। ମାତ୍ର ପରିତାପର ବିଷୟ ଯେ, ଏଠାରେ ଦମକଳ ଗୁଡ଼ିକ ପାଇଁ ଆବଶ୍ୟକ ପାଣିର ବ୍ୟବସ୍ଥା ନାହିଁ। ଫଳରେ ଦମକଳଗୁଡ଼ିକ ପାଣି ପାଇଁ ୧୦ କିମି ଦୂରରେ ଥିବା ନାଳ ଉପରେ ନିର୍ଭର କରୁଛନ୍ତି। ପାଣିର ଅଭାବ ଯୋଗୁ ଅନେକ ସମୟରେ ଏହି ଗାଡ଼ି ଗୁଡ଼ିକ ଘଟଣାସ୍ଥଳରେ ପହଞ୍ଚିପାରୁ ନାହିଁ। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ଅଗ୍ନିଶମ କାର୍ଯ୍ୟାଳୟ ନିକଟରେ ପାଣି ବ୍ୟବସ୍ଥା କରାଗଲେ ବହୁ ଧନ ଜୀବନ ସୁରକ୍ଷା ହୋଇପାରିବ ବୋଲି ମତପ୍ରକାଶ ପାଇଛି। ଅପରପକ୍ଷରେ ଏହି ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପୂର୍ବରୁ ସହର ମଧ୍ୟଭାଗରେ ରହିଥିବାବେଳେ କିଛି ବର୍ଷ ହେଲା ତାହା ସ୍ଥାନାନ୍ତର କରାଯାଇ ୫ କିମି ଦୂର ବେତାଗୁଡ଼ା ପାହାଡ଼ ଅଞ୍ଚଳରେ କରାଯାଇଛି। ଫଳରେ ଅଗ୍ନି ଦୁର୍ଘଟଣା ସମୟରେ ଗାଡ଼ି ପହଞ୍ଚିବାରେ ଅସୁବିଧା ହେଉଛି। ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।

### ଖବରଦାତାଙ୍କୁ ଆକ୍ରମଣର ନିନ୍ଦା
## ଜିଲା ସାମ୍ବାଦିକ ସଂଘର ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ପାରଳାଖେମୁଣ୍ଡି,୨୯।୧୨(ସ୍ୱ.ପ୍ର.) : ଭୁବନେଶ୍ୱରସ୍ଥିତ ଏସ୍‌ପ୍ଲାନେଡ୍ ସପିଂମଲ୍‌ରେ ଜଣେ କର୍ତ୍ତବ୍ୟରତ ମହିଳା ଖବରଦାତା ଏବଂ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସଂଘ ପକ୍ଷରୁ ଦାବି ହୋଇଛି। ଏ ନେଇ ଏକ ସ୍ମାରକପତ୍ର ଗଜପତି ଜିଲାପାଳ ଅନୁପମ ଶାହାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏପରି ଘଟଣା ରାଜ୍ୟରେ ବାରମ୍ବାର ଘଟୁଥିବାରୁ ଗଣମାଧ୍ୟମର ସୁରକ୍ଷାକୁ ନେଇ ଏଥିରେ ସରକାରଙ୍କୁ ପ୍ରଶ୍ନ କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ଗରୁଡ଼ଧ୍ୱଜ ଚୌଧୁରୀ, ଗଣେଶ ରାଜୁ, କେ.ସି.ଏଚ୍. ରତ୍ନମ, ତାରିଣୀ ପଣ୍ଡା, ଦ୍ୱିଜେନ୍ ପାଢୀ, ସୀତାକାନ୍ତ ପଣ୍ଡା, ରୂପେଶ ସାହୁ, ଶିଶିର ଗୌଡ଼, ବାସୁଦେବ ଦାସ, ସନ୍ତୋଷ ପଟ୍ଟନାୟକ, ସରୋଜ ପାଣିଗ୍ରାହୀ, ଜଗଦୀଶ ପଣ୍ଡା, ବୀର କିଶୋର ପଟ୍ଟନାୟକଙ୍କ ସମେତ ଜିଲାସ୍ତରୀୟ ଖବରଦାତାମାନେ ଉପସ୍ଥିତ ଥିଲେ।

# ମଣ୍ଡିରେ ଅନିୟମିତତା ନେଇ ବିଧାୟକଙ୍କୁ ଅଭିଯୋଗ

## ଆନ୍ଧ୍ର ବ୍ୟବସାୟୀଙ୍କୁ ବିକୁଛନ୍ତି ଧାନ

ପାରଳାଖେମୁଣ୍ଡି, ୨୯।୧୨(ସ୍ୱ.ପ୍ର.)

ଧାନକ୍ରୟରେ ଅନିୟମିତତା ହୋଇଥିବା ଚାଷୀମାନେ ରବିବାର ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓଙ୍କୁ ତାଙ୍କ ବାସଭବନରେ ଭେଟି ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ହାଡୁଭାଙ୍ଗି ପଞ୍ଚାୟତ ସଦର ସମେତ ନୀଳାପୁର, କଣ୍ଟୁରୁ ଆଦି ପ୍ରାୟ ୫ ଗ୍ରାମର ଚାଷୀ ହାଡୁଭାଙ୍ଗି ସେବା ସମବାୟ ସମିତି ଉପରେ ନିର୍ଭର କରିଥାନ୍ତି। ଏହି ସମବାୟ ସମିତିରେ ଗତବର୍ଷ ଚାଷୀଙ୍କଠାରୁ ୩୩ହଜାର କୁଇଣ୍ଟାଲ୍ ଧାନ କିଣାଯାଇଥିବାବେଳେ ଚଳିତବର୍ଷ ତାହା କମି ୨୭ଶହ କୁଇଣ୍ଟାଲ୍‌ରେ ପହଞ୍ଚିଥିବା ଅଭିଯୋଗ ହୋଇଛି। ତେବେ ଏଠାରେ ପ୍ରଶାସନର ଇଙ୍ଗିତରେ ଚାଷୀମାନଙ୍କ ନାମ ପଞ୍ଜୀକରଣ କରିବାରେ ବ୍ୟତିକ୍ରମ କରାଯାଇଥିବା ଚାଷୀ ଅଭିଯୋଗ କରିଛନ୍ତି। ସମବାୟ ସମିତିର ସମ୍ପାଦକଙ୍କୁ ଗତବର୍ଷ ନିଲମ୍ବିତ କରାଯାଇଥିବାବେଳେ ସେଠାରେ ଅନ୍ୟ ଜଣଙ୍କୁ ଦାୟିତ୍ୱ ଦିଆଯାଇଛି। ସମିତିରେ କିଣାଯାଇଥିବା ଧାନ ପ୍ରଶାସନ ପକ୍ଷରୁ କିଣା ନ ଯିବାରୁ ସମିତିର ନିର୍ବାହୀ ନିର୍ଦ୍ଦେଶକ ଏବଂ ସଭାପତି ବାଧ୍ୟ ହୋଇ ଆନ୍ଧ୍ର ପ୍ରଦେଶର ବ୍ୟବସାୟୀଙ୍କୁ ବିକ୍ରି କରିଛନ୍ତି। ଓଡ଼ିଶା ସରକାରଙ୍କ ଧାର୍ଯ୍ୟମୂଲ୍ୟ ଠାରୁ କମ୍ ଟଙ୍କାରେ ଧାନ ବିକ୍ରି କରିଥିବା ଜଣାଇଛନ୍ତି। ଏପରିକି ସେହି ଅର୍ଥ ଦୁଇମାସ ପରେ ମିଳିବ ବୋଲି ମଧ୍ୟ ଜଣାପଡ଼ିଛି। ଧାନକ୍ରୟ ଏବଂ ମଣ୍ଡି ପରିଚାଳନାରେ ଅନିୟମିତତା ଯୋଗୁ ଚାଷୀମାନେ ସମସ୍ୟାରେ ପଡ଼ି ବିଧାୟକଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି। ବିଧାୟକ ରାଓ ଏ ନେଇ ପଦକ୍ଷେପ ନେବାପାଇଁ ବିଭାଗୀୟ ପଦାଧିକାରୀମାନଙ୍କୁ ଯୋଗାଯୋଗ କରିଥିବା ପ୍ରକାଶ କରିଛନ୍ତି। ହାଡୁଭାଙ୍ଗି ସେବା ସମବାୟ ସମିତିର ସଭାପତି ଏସ୍. କ୍ରିଷ୍ଣାମୂର୍ତ୍ତି, ନିର୍ବାହୀ ସଭ୍ୟ ପି. ବାବୁ ରାଓ, ଜି. ଚିଟିବାବୁ, ଏସ୍. ଆଦିନାରାୟଣ, ଏସ୍. ଆନନ୍ଦ ରାଓ ବିଧାୟକଙ୍କୁ ଭେଟି ଅଭିଯୋଗ ଜଣାଇବା ସହ ଏଥିପାଇଁ ମୁଖ୍ୟତଃ ଏଆର୍‌ସିଏସ୍ ଦାୟୀ ବୋଲି କହିଛନ୍ତି। ସରକାରଙ୍କ ପକ୍ଷରୁ ମଣ୍ଡି ଖୋଲିବା ଏବଂ ସେଠାରେ ଚାଷୀ ନିଜ ଧାନ ବିକ୍ରି କରିବାପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଥିଲେ ମଧ୍ୟ ମଣ୍ଡି ପରିଚାଳନାରେ ନୀତିଗତ ତ୍ରୁଟି ଏବଂ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ଚାଷୀ ଏପରି ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି।



ବିଧାୟକଙ୍କୁ ଅଭିଯୋଗ ଜଣାଇବାକୁ ଆସିଥିବା ଚାଷୀମାନେ।

### ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟରେ ପୁରାତନ ଛାତ୍ର ସମ୍ମିଳନୀ
## ସମୟର ସଦୁପଯୋଗ କରିବାକୁ ପରାମର୍ଶ

ପାରଳାଖେମୁଣ୍ଡି, ୨୯।୧୨ (ସ୍ୱ.ପ୍ର.)

ପାରଳାଖେମୁଣ୍ଡି ଉପକଣ୍ଠ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ପରିସରରେ ଦୁଇଦିନିଆ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର ଉପସଭାପତି ଡି.ଏନ୍. ରାଓ ଉଦ୍‌ବୋଧନ ଦେଇ ବିଶ୍ୱ ବିଦ୍ୟାଳୟର ବିଭିନ୍ନ ଉନ୍ନୟନ କାର୍ଯ୍ୟ ବିଷୟରେ କହିଥିଲେ। ଡ. ପ୍ରଜ୍ଞା ପାଣି ଛାତ୍ରୀଛାତ୍ରଙ୍କ ପୁରୁଣା ଦିନର ସ୍ମୃତି ମନେପକାଇ ନିଜ ବକ୍ତବ୍ୟ ରଖିଥିଲେ। ବାଙ୍ଗାଲୁରୁରେ ଅବସ୍ଥାପିତ ବିଶ୍ୱବିଦ୍ୟାଳୟର ସର୍ବପ୍ରଥମ ବ୍ୟାଚ୍‌ର ମନୋଜ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ପରିଦର୍ଶନ କରିବା ସହ ବିଦ୍ୟାର୍ଥୀମାନଙ୍କୁ ସମୟର ସଦୁପଯୋଗ କରିବାପାଇଁ ପରାମର୍ଶ ଦେଇଥିଲେ। ରେଜିଷ୍ଟ୍ରାର୍ ଡ. ଅନୀତା ପାତ୍ର ଏହି କାର୍ଯ୍ୟକ୍ରମପାଇଁ ପୁରାତନ ବିଦ୍ୟାର୍ଥୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍‌ଅନୁଷ୍ଠିତ ହୋଇଥିଲା। ଡେପୁଟି ରେଜିଷ୍ଟ୍ରାର ସନ୍ଦୀପନ ପାଇନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ସମସ୍ତ କାର୍ଯ୍ୟକ୍ରମକୁ ସମ୍ବିତ୍ ପାତ୍ର, ଡ. ସୁଶାନ୍ତ ପଟ୍ଟନାୟକ, ଡ. ସଂଗ୍ରାମ କେଶରୀ ସ୍ୱାଇଁ ପରିଚାଳନା କରିଥିଲେ।





ବିଶ୍ୱବିଦ୍ୟାଳୟର ଉପସଭାପତି, ସମ୍ମିଳନୀରେ ପୁରାତନ ଛାତ୍ର ଓ ଅନ୍ୟମାନେ।

### ପ୍ରଦୀପ ପାଢୀ ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ
## ଡାର୍କଥଣ୍ଡର୍ସ ଚାମ୍ପିୟନ୍, ଜୟହୋ ଉପବିଜେତା

ପାରଳାଖେମୁଣ୍ଡି, ୨୯।୧୨(ସ୍ୱ.ପ୍ର.)

ଯୁବ ଆଇନଜିବୀ ପ୍ରଦୀପ ପାଢ଼ୀଙ୍କ ସ୍ମୃତିରେ ପାରଳାଖେମୁଣ୍ଡିସ୍ଥିତ ଏଲକଲା ସାହି ପଡ଼ିଆଠାରେ ଚାଲିଥିବା ପ୍ରଦୀପ ପାଢୀ ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳ ଏବଂ କୃତୀ ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ 'ଡାର୍କଥଣ୍ଡର୍ସ' ଟିମ୍ ଚାମ୍ପିୟନ୍ ହୋଇଥିବାବେଳେ 'ଜୟ ହୋ' ଟିମ୍ ଉପବିଜେତା ହୋଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୀନାକ୍ଷୀ ପାଢୀ, ପୂର୍ବତନ ନଗରପାଳ ନୃସିଂହ ଚରଣ ପଟ୍ଟନାୟକ, ପି. କ୍ରିଷ୍ଣା, ଆଶିଷ ସାମଲ, ହରପ୍ରସାଦ ପାଢୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଆଇନଜିବୀ ପାଢ଼ୀ ଜଣେ ଭଲ କ୍ରିକେଟ୍ ଖେଳାଳୀ ଭାବେ ଲୋକପ୍ରିୟ ଥିଲେ।



ବିଧାୟକ ଓ ଅନ୍ୟ ଅତିଥିଙ୍କ ଗହଣରେ ଚାମ୍ପିୟନ୍ ଦଳ।

## ବିଷକ୍ରିୟାରେ ମହିଳାଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି,୨୯।୧୨(ସ୍ୱ.ପ୍ର.)

ଗଜପତି ଜିଲା ଆର୍. ଉଦୟଗିରି ଥାନା ଅଧୀନ ଶବରପଲ୍ଲୀ ଗ୍ରାମରେ ଶନିବାର ବିଷକ୍ରିୟାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅନୀତା ଶବର(୩୮)। ସେ କୌଣସି କାରଣରୁ ବିଷ ପିଇଦେଇଥିବାବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ଆର୍. ଉଦୟଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନୀତାଙ୍କ ଘର ଶବରପଲ୍ଲୀ ଗ୍ରାମରେ। ସେ ଗ୍ରାମର ସନିଆ ଶବରଙ୍କୁ ବିବାହ କରିଥିଲେ। ନିକଟରେ ଝିଅର ବିବାହ ହେବାକୁ ଥିବାବେଳେ ସେ ଏହାକୁ ନେଇ ମାନସିକ ଚାପରେ ଥିବା ପରିବାର ଲୋକେ କହିଥିବା ପୋଲିସ କହିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବାବେଳେ ଏ ନେଇ ଥାନାରେ ୨୯/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ହୋଇଛି।

## ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଫସଲ ନଷ୍ଟ

କଲ୍ୟାଣସିଂହପୁର, ୨୯।୧୨ (ଡି.ଏନ୍.ଏ.)



ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ନାରାୟପୁର ପଞ୍ଚାୟତ ଶିରିପୁର ଗ୍ରାମରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଧାନ ଫସଲ ନଷ୍ଟ ହୋଇଯାଇଛି। ସରପଞ୍ଚ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତଙ୍କ ସହ ଆଲୋଚନା କରିଛନ୍ତି। ପ୍ରକାଶ ଯେ, ରବିବାର ଦିନ ୨ ପ୍ରାୟ ୨ଟା ବେଳେ ଗାଁ ନିକଟ ଅଙ୍ଗନୱାଡି କେନ୍ଦ୍ର ପଛପଟେ ରଖାଯାଇଥିବା ଧାନ ଖଳାରୁ ଧୂଆଁ ବାହାରୁଥିବା କିଛି ପିଲା ଦେଖିଥିଲେ। ସେମାନେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଖବରପାଇ କଲ୍ୟାଣସିଂହପୁର ଅଗ୍ନିଶମ ବାହିନୀ ଭାରପ୍ରାପ୍ତ ଅଧିକାରୀ ବଳରାମ ବେହେରାଙ୍କ ସହ ଅନ୍ୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଗ୍ରାମବାସୀ ଓ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ଶଙ୍କର କାର୍ଷିକା, ଦାସ ନିଶିକା, ଭାତ୍ରି ପ୍ରେପକା, ନରସିଂହ କାଡ୍ରାକା, ସୁନାଦେଇ କୌଶଲ୍ୟା, କାଟି କାଡ୍ରାକାଙ୍କର ୧୨ଟି ଧାନଗଦା ଜଳି ପାଉଁଶ ହୋଇ ଯାଇଥିଲା। ସେଥିରେ ୩୦୦ କୁଇଣ୍ଟାଲ ଧାନ ଥିବା ଗ୍ରାମବାସୀ କହିଛନ୍ତି। ସରପଞ୍ଚ ବିଜୟଲକ୍ଷ୍ମୀ ଡିମକା ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତଙ୍କୁ ପ୍ୟାକେଟ ଚାଉଳ ବସ୍ତା ଯୋଗାଇ ଦେବାକୁ କହିଛନ୍ତି। କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଦେବାକୁ ମଧ୍ୟ ସେ ଦାବି କରିଛନ୍ତି।

## 'ଚଇତି'ରେ ଚମକିଲେ ଗଜପତିର ନୃତ୍ୟଶିଳ୍ପୀ



'ଚଇତି'ରେ ଗଜପତିର କଳାକାରମାନେ ଆଦିବାସୀ ନୃତ୍ୟ ପରିବେଷଣ କରୁଛନ୍ତି।

ପାରଳାଖେମୁଣ୍ଡି, ୨୯।୧୨(ସ୍ୱ.ପ୍ର.)

ରାୟଗଡ଼ା ଜିଲାର ଲୋକ ମହୋତ୍ସବ 'ଚଇତି' ରେ ପାରଳାଖେମୁଣ୍ଡିର ବନ୍ଦେମାତରଂ କଳାପରିଷଦର ନୃତ୍ୟଶିଳ୍ପୀମାନେ ଅଂଶଗ୍ରହଣ କରିଛନ୍ତି। କଳାକାରମାନେ ସେଠାରେ ପାରମ୍ପରିକ ଶୈଳୀରେ ଆଦିବାସୀ ନୃତ୍ୟ ପରିବେଷଣ କରି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ନୃତ୍ୟଗୁରୁ ପ୍ରସାଦ ପଟ୍ଟନାୟକଙ୍କ ନେତୃତ୍ୱରେ କେ. ଶିବକ୍ରିଷ୍ଣା, ସତ୍ୟ ଆପଟ, ରାଜୀବ ଲୋଚନ ପଣ୍ଡା, ଲୋକନାଥ ପଟ୍ଟନାୟକ, ରାଧାରାଣୀ ପଟ୍ଟନାୟକ ପ୍ରମୁଖଙ୍କ ସମେତ ୩୦ ଜଣିଆ ନୃତ୍ୟଦଳ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜ କଳା ପ୍ରଦର୍ଶନ କରିଥିଲେ।

### ମହିଳା ଖବରଦାତାଙ୍କୁ ଆକ୍ରମଣ ପ୍ରତିବାଦ
## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ରାୟଗଡ଼ା ଅଫିସ/ଗୁଣପୁର, ୨୯।୧୨ (ଡି.ଏନ୍.ଏ.): ରାଜଧାନୀ ଭୁବନେଶ୍ୱରରେ ଶୁକ୍ରବାର ମହିଳା ଖବରଦାତା ସ୍ୱାତୀ ଜେନା ଖବର ସଂଗ୍ରହ କରୁଥିବାବେଳେ ଏକ ଶପିଂ ମଲ୍‌ର ସୁରକ୍ଷା କର୍ମୀ ତାଙ୍କୁ ମାଡ଼ ମାରିଥିଲେ। ଏହାର ପ୍ରତିବାଦରେ ରାୟଗଡ଼ା, ଗୁଣପୁର ଖବରଦାତାମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ଓଡ଼ିଶାରେ ବାରମ୍ବାର ସାମ୍ବାଦିକଙ୍କୁ ଦୁର୍ବ୍ୟବହାର କରାଯାଉଛି। ଏହାକୁ ରୋକିବାକୁ କଠୋର ଆଇନ ହେବା ଆବଶ୍ୟକ ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ରାୟଗଡ଼ାରେ କାର୍ଯ୍ୟରତ ଖବରଦାତାମାନେ ଏସ୍‌ପି ସର୍ବଣା ବିବେକ ଏମ୍‌ଙ୍କୁ ଏହି ଦାବିପତ୍ର ଦେଇଛନ୍ତି। ଏହି ସମୟରେ ଜିଲାର ବରିଷ୍ଠ ଖବରଦାତାମାନେ ଉପସ୍ଥିତ ଥିଲେ। ଗୁଣପୁରରେ ଖବରଦାତାମାନେ ଏସ୍‌ଡିପିଓ ରାଜ କିଶୋର ଦାସଙ୍କୁ ଦାବିପତ୍ର ଦେଇଛନ୍ତି। ଶପିଂମଲ୍‌ର କର୍ମଚାରୀଙ୍କୁ ଗିରଫ କରିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।





### ଜାନୁୟାରୀ ୧୦ରେ ଗଜପତି ଉତ୍ସବ
# ମଶାଲ ପାଇଁ ମହେନ୍ଦ୍ରଗିରି ଯାତ୍ରା

ପାରଳାଖେମୁଣ୍ଡି,୨୯।୧୨(ସ୍ୱ.ପ୍ର.)

ଜାନୁୟାରୀ ୧୦ ତାରିଖରେ ଗଜପତି ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଯାଉଛି ଗଜପତି ଉତ୍ସବ। ଏଥିପାଇଁ ପୌରାଣିକ ପର୍ବତଗିରି ମହେନ୍ଦ୍ରଗିରିରୁ ମଶାଲ୍ ପୂଜା କରି ଆଣିବାପାଇଁ ରବିବାର ଏକ ଦଳ ଗଣେଶ ରାଜୁ ଓ ବାସୁଦେବ ଦାସଙ୍କ ନେତୃତ୍ୱରେ ପାରଳାଖେମୁଣ୍ଡିରୁ ବାହାରିଛନ୍ତି। ଏମାନଙ୍କୁ ଉତ୍ସାହିତ କରିବା ପାଇଁ ଜିଲା କ୍ରୀଡ଼ାଧିକାରୀ ପ୍ରଭାକର ତ୍ରିପାଠୀ ଦଳକୁ ଉତ୍ସାହିତ କରିବା ସହ ସଫଳ ଯାତ୍ରା କାମନା କରିଥିଲେ। ପାରଳାଖେମୁଣ୍ଡି ରାଜପ୍ରସାଦ ସମ୍ମୁଖରୁ ଯାତ୍ରା ଆରମ୍ଭ ହୋଇଥିବାବେଳେ ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ ମଧ୍ୟ ସେମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଦଳ ମହେନ୍ଦ୍ରଗିରିରେ ରାତ୍ରିଯାପନ ପରେ ସୋମବାର ମଶାଲ୍ ଆସିବ। ଏହା ସମସ୍ତ ବ୍ଲକ୍ ପରିକ୍ରମା କରିବାପରେ ଉତ୍ସବ ଦିନ ପାରଳାଖେମୁଣ୍ଡି ଠାରେ ଏକ ଭବ୍ୟ ଶୋଭାଯାତ୍ରା ସହ ମଶାଲ୍‌କୁ ଉତ୍ସବସ୍ଥଳକୁ ନିଆଯିବ। ମଶାଲ୍ ଆଣିବାପାଇଁ ଯାଇଥିବା ଦଳରେ ଗଣେଶ ରାଜୁ, ବାସୁଦେବ ଦାସ ପ୍ରମୁଖଙ୍କ ନେତୃତ୍ୱରେ ଯାଇଥିବା ଜଣାପଡିଛି।



ମଶାଲ୍ ପୂଜା ପାଇଁ ଦଳ ମହେନ୍ଦ୍ରଗିରି ଯାତ୍ରାରେ ବାହାରୁଛନ୍ତି।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# କୋବି ଚାଷ ଦେଉଛି ଆୟ

ମାଲକାନଗିରି,୨୯।୧୨(ଡି.ଏନ.ଏ)

■ପଡିଆ ଜମିରେ କରିଥିଲେ ଚାଷ
■୪ ଏକର ଜମିରେ ୧୬ ହଜାର ଚାରା ଲଗାଇଥିଲେ
■ପ୍ରତିଦିନ ଉତ୍ପାଦନ ହେଉଛି ୧ କୁଇଣ୍ଟାଲ କୋବି

ବିଭିନ୍ନ ଖାଦ୍ୟ ଶସ୍ୟ ଉତ୍ପାଦନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି ଚାଷୀ । କେଉଁ ଋତୁରେ କେଉଁ ଚାଷ କଲେ ଉତ୍ପାଦନରେ ସୁଫଳ ମିଳିବ ଚାଷୀ ହିଁ ଜାଣିଥାଏ। ନବରଙ୍ଗପୁର ଜିଲା ରାଇଘର ଅଞ୍ଚଳର ଚାଷୀ ସମୟକ୍ରମେ ମାଲକାନଗିରି ଆସି ଏମ୍‌ଭି- ୭ ଗ୍ରାମରେ ରହି ଆରମ୍ଭ କରିଥିଲେ କେବି ଚାଷ। ଏବେ ଏହି ଚାଷ ତାଙ୍କୁ ପରିଚୟ ଦେଇଛି। ସେ ହେଉଛନ୍ତି ରମେଶ ଚନ୍ଦ୍ର ମଣ୍ଡଳ। ସେ କହନ୍ତି ତାଙ୍କର ନିଜସ୍ୱ ଜମି ନ ଥିଲେ ମଧ ବାପାଙ୍କଠାରୁ ଚାଷ ସମ୍ପର୍କରେ ଜ୍ଞାନ ଅର୍ଜନ କରିଥିଲେ। କାଳକ୍ରମେ ନବରଙ୍ଗପୁର ଜିଲା ରାଇଘରରେ ଥିବା ତାଙ୍କ ପିତୃ ଅର୍ଜିତ ସମ୍ପତ୍ତି କୌଣସି କାରଣରୁ ବିକ୍ରି ହୋଇଯିବାରୁ ସେ ମାଲକାନଗିରି ଜିଲାର ଏମ୍‌ଭି-୭ ଗ୍ରାମକୁ ଆସି ରହିଥିଲେ। ଏଠାକୁ ଆସି ଜଣେ ଜମି ମାଲିକଙ୍କୁ ତାଙ୍କର ପଡିଆ ପଡିଥିବା ଜମିକୁ ପରିବା ଚାଷ ପାଇଁ ମାଗିଥିଲେ। ଭାଗଚାଷୀ ହିସାବରେ ୪ଏକର ଜମିରେ ଫୁଲକୋବି ଚାଷ କରିଥିଲେ। ସେ ଫୁଲକୋବି ଚାରା ପ୍ରସ୍ତୁତ କରି ଦୁଇ ଏକର ଜମିରେ ଚାରା ରୋପଣ କରିଥିଲେ। ଚାଷ ଆରମ୍ଭରେ ବର୍ଷାରେ ଅନେକ ଚାରା ନଷ୍ଟ ହୋଇ ଯାଇଥିଲେ ମଧ ସେ ଭାଙ୍ଗି ପଡି ନ ଥିଲେ। ବଞ୍ଚିଥିବା ଚାରାକୁ ଉପଯୁକ୍ତ ଭାବେ ରକ୍ଷଣା ବେକ୍ଷଣ, କୋଡାଖସା କରି ଜୈବିକ ସାର ପ୍ରୟୋଗ କରିଥିଲେ। ଯାହା କୋବି ଅମଳ ହୋଇଥିଲା ସେଥିରେ ସେ ସନ୍ତୁଷ୍ଟ ହୋଇଥିଲେ। ପରେ ଗତ ନଭେମ୍ବର ମାସରେ ସେହି ୪ ଏକର ଜମିରେ ପ୍ରାୟ ୧୬୦୦୦ ଚାରା ଲଗାଇଥିଲେ । ଏକ ମାସ ପରେ ବର୍ତ୍ତମାନ ଗୋଟିଏ କୋବିର ଓଜନ ପ୍ରାୟ ୭୫୦ ଗ୍ରାମରୁ ଏକ କେଜି ପର୍ଯ୍ୟନ୍ତ ହୋଇ ଫଳିଛି। ପ୍ରତିଦିନ ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ କୋବି ସେ କେଜି ପ୍ରତି ୨୦ ଟଙ୍କା ଦରରେ ବିକ୍ରି କରି ଦୈନିକ ଦୁଇ ହଜାର ଟଙ୍କା ଆୟ କରୁଛନ୍ତି। ଚାଷରେ ତାଙ୍କର କୁଇଣ୍ଟାଲ ପ୍ରତି ୬ଶହରୁ ୭ଶହ ଟଙ୍କା ଖର୍ଚ୍ଚ ହୋଇଥିଲା ବୋଲି ମଣ୍ଡଳ କହିଛନ୍ତି। ପ୍ରତ୍ୟେକ ଚାଷୀ ଛୋଟ ଧାନ ପରେ ଢେପ ଜମିକୁ ପଡିଆ ନ ପକାଇ ଋତୁ ଅନୁଯାୟୀ କୋବି ସହ ଅନ୍ୟାନ୍ୟ ପନିପରିବା ଚାଷ କଲେ ନିଜର ଆର୍ଥିକ ମାନଦଣ୍ଡର ଉନ୍ନତି କରିପାରିବେ ବୋଲି ତାଙ୍କର ମତ।


କୋବି କ୍ଷେତରେ ଚାଷୀ ରମେଶ ।

## ସଂକ୍ଷେପରେ

### ଉପନୟନ ସଂସ୍କାର କାର୍ଯ୍ୟକ୍ରମ



ପଦ୍ମପୁର, ୨୯।୧୨ (ଡି.ଏନ୍.ଏ.): ବିଶ୍ୱ ବୈଦିକ ପରିବାର ଆନୁକୂଲ୍ୟରେ ପଦ୍ମପୁର ବ୍ଲକ ଅଧୀନ ମୁଳିକିପଦରସ୍ଥିତ ବେଦ ନିକେତନ ପରିସରରେ ସମୂହ ଉପନୟନ ସଂସ୍କାର ବୈଦିକ ରୀତିନୀତିରେ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ପୂଜ୍ୟ ସନ୍ୟାସୀ ଆତ୍ମାନନ୍ଦ ଏବଂ ବରିଷ୍ଠ ସାଧକ ବିମଳେନ୍ଦୁ ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମଚାରୀ ଯଜ୍ଞଦତ୍ତ ଏବଂ ବ୍ରହ୍ମଚାରିଣୀ ଯଶସ୍ୱିନୀଙ୍କର ଉପନୟନ ସଂସ୍କାର କରିଥିଲେ। ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ୩ଶହ ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇଥିଲେ। ସଂସ୍କାର ମାଧମରେ ମଣିଷ କିପରି କ୍ଷୁଦ୍ରରୁ ମହାନ୍, ମାନବରୁ ମହାମାନବ ଏବଂ ସାଧାରଣରୁ ଅସାଧାରଣ ହୋଇପାରେ ସେ ସମ୍ପର୍କରେ ବିଶଦଭାବେ କୁହାଯାଇଥିଲା। ଯେଉଁମାନଙ୍କୁ ପ୍ରକୃତ ବୈଦିକ ରୀତିନୀତି ଅନୁଯାୟୀ ସଂସ୍କାର କରାଯାଇଥାଏ, ସେମାନେ ସର୍ବଦା ଅସାମାଜିକ କର୍ମରୁ ନିବୃତ୍ତ ରହିବା ସହ ସତ୍‌କର୍ମ କରିଥାନ୍ତି ବୋଲି ମତ ପ୍ରକାଶ ପାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀନିବାସ ପଟ୍ଟନାୟକ, ବିଦ୍ୟାଧର ଶବର, ଭାସ୍କର ମାଲେଡି, ସୃଜନ ଗଉଡ, ଗୌତମ ମାଣ୍ଡାଙ୍ଗି, ଚନ୍ଦ୍ର ଭୂଷଣ ମାଣ୍ଡାଙ୍ଗି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୀମାଞ୍ଚଳ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

### ବାଇକ୍‌ରୁ ଖସି ଯୁବତୀଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୨୯।୧୨:ବାଇକ୍‌ରୁ ଖସିପଡ଼ି ଗୁରୁତର ଆହତ ହୋଇଥିବା ଜଣେ ଯୁବତୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମୃତ୍ୟୁ ଘଟିଛି। ସେ ହେଲେ ବଡ଼ଗଡ଼ ଥାନା ରାଇବନ୍ଧ ଗ୍ରାମର ରାଜଲକ୍ଷ୍ମୀ ଗୌଡ଼ା ଏ ନେଇ ନଂ.୬୭୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଆସନ୍ତା ମାସରେ ରାଜଲକ୍ଷ୍ମୀଙ୍କ ବିବାହ ହେବାର ଥିଲା। ଭାଇଙ୍କ ସହ ବାଇକ୍‌ରେ ଶେରଗଡ ବଜାରରୁ ଶନିବାର ମଧାହ୍ନରେ ଘରକୁ ଫେରୁଥିବା ବେଳେ ଗାଁ ନିକଟ ମହୁଲି ଛକରେ ବଳଦ ସହ ଧକ୍କା ହୋଇଥିଲା। ପଛରେ ବସିଥିବା ରାଜଲକ୍ଷ୍ମୀ ଛିଟିକି ପଡ଼ିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ପ୍ରଥମେ ବଡ଼ଗଡ଼ ସ୍ୱାସ୍ଥ୍ୟକେନ୍ଦ୍ର, ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

# ରାଷ୍ଟ୍ରୀୟ ସେବିକା ସମିତିର ପରିଚୟ ବର୍ଗ

ଜୟପୁର,୨୯।୧୨(ଡି.ଏନ୍.ଏ.)

ଜୟପୁରସ୍ଥିତ ଶାରଦା ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମହିଳା ଶାଖା ସେବିକା ସମିତି ପକ୍ଷରୁ ଉତ୍କଳପ୍ରାନ୍ତ ପରିଚୟ ବର୍ଗ ରବିବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ସମିତିର କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଏବଂ ମାଲକାନିଗିରି ଜିଲାର ୪୦୦ ଜଣ ସଦସ୍ୟା ଯୋଗ ଦେଇଥିଲେ। ଗତ ଶୁକ୍ରବାରଠାରୁ ତିନି ଦିନ ଧରି ଅନୁଷ୍ଠିତ ଏହି ବାର୍ଷିକ ବର୍ଗରେ ମହିଳାଙ୍କ ସୁରକ୍ଷା ଏବଂ ଅଧିକାର ଉପରେ ଆଲୋଚନା କରାଯାଇଥିଲା। ଏଥିରେ ପ୍ରାନ୍ତ ପ୍ରଚାରିକା ଲତିକା ପାଢ଼ୀ ଏବଂ ବିଭାଗ ସଂପର୍କ ପ୍ରମୁଖ ବନିତା ସାହୁ ଉପସ୍ଥିତ ସମିତି ସେବିକାଙ୍କୁ ବିଭିନ୍ନ ବିଷୟରେ ପରାମର୍ଶ ଓ ତାଲିମ ଦେଇଥିଲେ।

# ଅସହାୟଙ୍କୁ କମ୍ବଳ ବଣ୍ଟନ


ବୃଦ୍ଧାଙ୍କୁ ବିଧାୟକ କମ୍ବଳ ବଣ୍ଟନ କରୁଛନ୍ତି।

ପାପଡାହାଣ୍ଡି,୨୯।୧୨(ଡି.ଏନ.ଏ)

ଅସହ୍ୟ ଜାଡରେ ଥରୁଛି ସାରା ଭାରତ। କୋହଲା ପବନ ସାଙ୍ଗକୁ ମେଘୁଆ ପାଗ ଦିନ ତମାମ ଲୋକଙ୍କୁ ଘରୁ ବାହାରିବା ମୁସ୍କିଲ ହୋଇପଡିଛି। ଜନଜୀବନ ଏକପ୍ରକାର ଅସ୍ତବ୍ୟସ୍ତ ହୋଇପଡିଛି।ଏପରି ସ୍ଥଳେ ଅସହାୟଙ୍କୁ କମ୍ବଳ ବାଣ୍ଟିଛନ୍ତି ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ । ରବିବାର ଅଚାନକ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିଧାୟକ ପରିଦର୍ଶନ କରିଥିଲେ । ଉପସ୍ଥିତ ରୋଗୀଙ୍କ ସୁଖ ଦୁଃଖ ବୁଝିବା ସହ ସମସ୍ତଙ୍କୁ କମ୍ବଳ ବଣ୍ଟନ କରିଥିଲେ । ସେହିପରି ମୋକିଆ ଗ୍ରାମର ଜଣେ ବୃଦ୍ଧା ରାସ୍ତାରେ ଯାଉଥିବା ଦେଖି ନିଜ ଗାଡି ଅଟକାଇ ବୃଦ୍ଧାଙ୍କୁ କମ୍ବଳ ଦେବା ସହ ସମସ୍ୟା ପଚାରି ବୁଝିଥିଲେ। ଆଗକୁ ଅଞ୍ଚଳର ଲୋକଙ୍କ ସମସ୍ୟା ଗୁଡିକୁ ନେଇ ଆଲୋଚନା କରାଯିବ ବୋଲି ରନ୍ଧାରୀ କହିଛନ୍ତି ।

# ମା' ପେଣ୍ଡ୍ରାଣୀଙ୍କ ପୌଷ ଯାତ୍ରା

ଧୋଡ୍ରା,୨୯।୧୨(ଡି.ଏନ.ଏ)

ଝରିଗାଁ ବ୍ଲକ ଅନ୍ତର୍ଗତ ଚାଟିଗୁଡା ଗ୍ରାମରେ ଅଧିଷ୍ଠାତ୍ରୀ ଦେବୀ ମା' ପେଣ୍ଡ୍ରାଣୀଙ୍କ ପୌଷ ଯାତ୍ରା ମହାସମାରୋହରେ ଶୁକ୍ରବାର ପାଳିତ ହୋଇଛି। ମା'ଙ୍କ ଘଟ ପରିକ୍ରମା କରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଏହି ଯାତ୍ରାରେ ବିଭିନ୍ନ ଗାଁର ମୁଖିଆମାନେ ଲାଠି ଧରି ମା' ପେଣ୍ଡ୍ରାଣୀଙ୍କ ମନ୍ଦିର ନିକଟରେ ଏକାଠି ହୋଇଥିଲେ। ବିଭିନ୍ନ ଗାଁରୁ ଲାଠି, କୁର୍ସ ପହଞ୍ଚିବା ପରେ ମନ୍ଦିରରୁ ଏକ ଶୋଭଯାତ୍ରାରେ ବାହାରି ବଜାର ପରିକ୍ରମା କରିଥିଲେ। ଆଦିବାସୀ ପରମ୍ପରା ଅନୁଯାୟୀ ଲାଠି, କୁର୍ସଗୁଡିକୁ ଚାଟିଗୁଡା ଗାଁର ପୂଜକ ହରି ପୂଜାରୀ ପୂଜାର୍ଚ୍ଚନା କରିଥିଲେ। ପୌଷ ମାସରେ ମା'ଙ୍କ ଯାତ୍ରା ରାଜରାଜୁଡା ସମୟରୁ ପାଳନ ହୋଇଆସୁଛି। ଯାତ୍ରା ପୂର୍ବରୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବିଭିନ୍ନ ଆଖାପାଖ ଗାଁରେ ଥିବା ଦେବୀଙ୍କୁ ନିମନ୍ତ୍ରଣ କରାଯାଇଥାଏ। ଆଦିବାସୀମମାନେ ପାରମ୍ପାରିକ ପୋଷାକ ପରିଧାନ କରି ନିଜ ଗାଁ ଦେବୀଙ୍କ ପ୍ରତୀକ ଲାଠି ସାଥୀରେ ଧରି ଆସନ୍ତି। ବିଶେଷ କରି ମା'ଙ୍କ କାଳିସୀ ଶିରା ପୂଜକଙ୍କ ଦେହରେ ପ୍ରବେଶ କରି ଭକ୍ତଙ୍କ ଗୁହାରି ଶୁଣୁଥିବା ଦୃଶ୍ୟ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥାଏ । ଏହି ଯାତ୍ରା ପରେ ଏହି ଅଞ୍ଚଳରେ ଦିଆଲି ପର୍ବ ପାଳନ ହୋଇଥାଏ। ରାତିରେ ଆଦିବାସୀ ନାଟକ ମଞ୍ଚସ୍ଥ ହୋଇଥିଲା। ପୂର୍ବ ବର୍ଷ ଭଳି ଭଲ ଚାଷ ଅମଳ ସହ ଆସନ୍ତା ବର୍ଷ ଭଲରେ ରହି ପୁଣି ମା'ଙ୍କ ଦର୍ଶନ କରିପାରିବେ ଏହା ମା'ଙ୍କୁ ଶ୍ରଦ୍ଧାଳୁମାନେ ଜଣାଇଥାନ୍ତି। ଏହି ଯାତ୍ରାରେ ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝି, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଏମପି ପ୍ରତିନିଧି ପ୍ରିୟରଞ୍ଜନ ଦାସ, ରାମଧାର ମାଝି, ଟିକଚନ୍ଦ ମାଝି, ଫଗୁନୁ ମାଝି ପ୍ରମୁଖ ଯୋଗ ଦେଇଥିଲେ।


ଯାତ୍ରାକୁ ଆସିଥିବା ଦେବଦେବୀଙ୍କ କୁର୍ସ ଓ ଲାଠି ।

# ଜଳିଗଲା ୫ ବଖରା, ଆସବାବପତ୍ର

ଗୁଣପୁର,୨୯।୧୨(ଡି.ଏନ୍.ଏ.)

ରାୟଗଡା ଜିଲା ରାମନାଗୁଡା ବ୍ଲକ ଭାମିନୀ ଗ୍ରାମ ହରିଜନ ସାହିରେ ଅଗ୍ନିକାଣ୍ଡ ଘଟି ୩ ଜଣଙ୍କର ୫ ବଖରା ଘର ପୋଡି ଯାଇଛି। ପଦ୍ମପୁର ଏବଂ ଗୁମୁଡା ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ଯାଇଛି। ପ୍ରକାଶ ଯେ, ରବିବାର ପୂର୍ବାହ୍ଣ ୧୧ଟା ବେଳେ ଏହି ଅଗ୍ନିକାଣ୍ଡ ଘଟିଛି। ଏଥିରେ ବୁଦିକା ପ୍ରସାଦଙ୍କ ୩ ବଖରା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇ ଥିବାବେଳେ ଚାଉଳ ୫ କୁଇଣ୍ଟାଲ, ଧାନ, ସୁନା, ଲୁଗାପଟା, ୧୫ ହଜାର ଟଙ୍କା ଜଳି ପାଉଁଶ ହୋଇଯାଇଛି। ସେହିପରି ବୁଦିକା ରାଜେନ୍ଦ୍ରଙ୍କର ଗୋଟିଏ ବଖରା ଏବଂ ସୁବାସଙ୍କ ଗୋଟିଏ ବଖରା ପୋଡି ଯାଇଛି। ଘଟଣା ସଂପର୍କରେ ଖବର ପାଇ ରାଜସ୍ୱ ନିରୀକ୍ଷକ କେ.ସୁରିୟା ନାରାୟଣ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି।

# ଜିଲାକୁ ସବୁଜିମା କରିବା ପାଇଁ ଅଭିଭାବକ ସମ୍ମିଳନୀରେ ସଂକଳ୍ପ


ସମ୍ମିଳନୀରେ ଉପସ୍ଥିତ ଅଭିଭାବକମାନେ ।

ମାଲକାନଗିରି,୨୯।୧୨(ଡି.ଏନ.ଏ)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଶିବମନ୍ଦିର ପରିସରରେ ରବିବାର ଏକ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଯୋଜକ ସୌମ୍ୟରଞ୍ଜନ ପରିଡାଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ତଥା ଜିଲା ଉନ୍ନୟନ ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି, ସମ୍ମାନିତ ଅତିଥି ରୂପେ ସହ ସଂଯୋଜକ ଉତ୍ତମ ଶାହା, ସାମାଜିକ କର୍ମୀ ପ୍ରସାଦ ନାୟକ, ଜୟନ୍ତୀ ବୁରୁଦା, କିସ୍ ଅଭିଭାବକ ସଂଘ ସଭାପତି ମୁକୁନ୍ଦ ପଡିଆମି ଯୋଗ ଦେଇଥିଲେ। ସମ୍ମିଳନୀରେ ଜିଲାର ବିଭିନ୍ନ ଅଞ୍ଚଳରୁ ୫ଶହରୁ ଊର୍ଦ୍ଧ୍ୱ ଅଭିଭାବକ ଉପସ୍ଥିତ ଥିଲେ। ଦେଶର ଜଳବାୟୁ ପରିବର୍ତ୍ତନ ରାଜ୍ୟ ସମେତ ମାଲକାନଗିରି ଜିଲାରେ ମଧ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଫଳରେ ସବୁଜିମାରେ ଭରପୂର ଥିବା ମାଲକାନଗିରି ଜିଲାର ସବୁଜିମା ନଷ୍ଟ ହେବା ସହ ପରିବେଶ ନଷ୍ଟ ହେଉଛି। ଏହାକୁ କିପରି ପୂରଣ କରାଯିବ ଏବଂ ଜନସାଧାରଣ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେବେ ସେନେଇ ସମ୍ମିଳନୀରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଉପସ୍ଥିତ ଅଭିଭାବକମାନେ ଏଣିକି ପରିବେଶକୁ ସବୁଜିମା କରିବା ଲାଗି ସଂକଳ୍ପ ନେଇଥିଲେ।

# ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ନିର୍ବାଚନ



ନିର୍ବାଚିତ ହୋଇଥିବା ସଂଘର ସଦସ୍ୟମାନେ ।

ପଦ୍ମପୁର,୨୯।୧୨(ଡି.ଏନ୍.ଏ.)

ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ନିର୍ବାଚନ ଭୁବନେଶ୍ୱରସ୍ଥିତ ରେଡ୍‌କ୍ରସ୍ ଭବନରେ ଅନୁଷ୍ଠିତ ହୋଇଛି। ବରିଷ୍ଠ ସାମ୍ବାଦିକ ପ୍ରମୋଦ କୁମାର ପଟ୍ଟନାୟକ ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିଲେ। ୨୦୧୯ରୁ ୨୦୨୨ ପର୍ଯ୍ୟନ୍ତ ୩ ବର୍ଷ ପାଇଁ ରାଜ୍ୟ ସଭାପତି ଭାବେ ସୁଜ୍ଞାନ ଚୌଧୁରୀଙ୍କୁ ମନୋନୀତ କରାଯାଇଛି। ସେହିଭଳି ଆଶୁତୋଷ ରଥ, ଦୀପକ ପୃଷ୍ଟି ଉପସଭାପତି, ହୃଷୀକେଶ ମହାନ୍ତି ସମ୍ପାଦକ, ପବିତ୍ର ପାତ୍ର ସହସମ୍ପାଦକ, ଶ୍ୟାମସୁନ୍ଦର ରାଉତ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଦକ୍ଷିଣ ଓଡ଼ିଶା ରାୟଗଡା ଜିଲାରୁ ପ୍ରଶାନ୍ତ କୁମାର କର, ମୋତିଲାଲ ବାଗ୍, ଅଶୋକ ପଣ୍ଡା ଏବଂ ସହନିର୍ବାଚନ ଅଧିକାରୀ ଭାବେ ପରମାନନ୍ଦ ମିଶ୍ର ନିର୍ବାଚିତ ହୋଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜବନ୍ଧୁ ନାୟକ ଉପସ୍ଥିତ ଥିଲେ।

# ଜାନିଗୁଡ଼ାରେ ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ

ସେମିଳିଗୁଡ଼ା,୨୯।୧୨(ସ୍ୱ.ପ୍ର.)

ସେମିଳିଗୁଡ଼ା ବ୍ଲକ ଜାନିଗୁଡ଼ା ଗ୍ରାମର କମ୍ୟୁନିଟି ହଲ୍‌ରେ ଗତ ୨୨ ତାରିଖରୁ ଚାଲିଥିବା ଏନ୍‌ଏସ୍‌ଏସ୍ କ୍ୟାମ୍ପ ୨୮ ତାରିଖ ଉଦ୍‌ଯାପିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀ, ସମ୍ମାନିତ ଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ପଡାଲ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ପୌରପରିଷଦ ଅଧ୍ୟକ୍ଷା ଶୁଭଶ୍ରୀ ମଲ୍ଲିକ, ସେମିଳିଗୁଡ଼ା କଲେଜ ଅଧ୍ୟକ୍ଷା କାବେରୀ ବିଶ୍ୱାଳ, ଆଚାର୍ଯ୍ୟ ପାଢ଼ୀ, ବାସନ୍ତୀ ଶ୍ରୀ, ଶିବାଶିଷ ପଟ୍ଟନାୟକ ଯୋଗ ଦେଇଥିଲେ। ଏଥିରେ ବାଲ୍ୟ ବିବାହ ଉଚ୍ଛେଦ, ସ୍ୱଚ୍ଛ ଭାରତ, ପଲିଥିନମୁକ୍ତ ସମାଜ, ବୃକ୍ଷରୋପଣ, ଆତ୍ମ ସୁରକ୍ଷା ତାଲିମ, ନାରୀ ସଶକ୍ତୀକରଣ ଓ ସ୍ୱାସ୍ଥ୍ୟ ଶିବିର କାର୍ଯ୍ୟକ୍ରମ ମାଧମରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଜାନିଗୁଡ଼ା ଗ୍ରାମର ମୁଖ୍ୟ ସମସ୍ୟା ସହ ପାନୀୟ ଜଳ ସଙ୍କଟ ସମ୍ପର୍କରେ ସ୍ୱେଚ୍ଛାସେବୀମାନେ ଜିଲା ଯୋଜନା କମିଟି ଅଧ୍ୟକ୍ଷଙ୍କୁ ଅବଗତ କରିଥିଲେ।



ବୈଠକରେ ମଞ୍ଚାସୀନ ଅତିଥିମାନେ ।

# ଚାଇଲ୍ଡଲାଇନ୍‌ର ସ୍ୱଚ୍ଛତା ସଚେତନତା ଅଭିଯାନ


ଚାଇଲ୍ଡଲାଇନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଗ୍ରାମବାସୀ ।

କୁଡୁମୁଲୁଗୁମ୍ମା, ୨୯।୧୨ (ଡି.ଏନ୍.ଏ.)

କୁଡୁମୁଲୁଗୁମ୍ମା ନିକଟସ୍ଥ ଗୁଣ୍ଡୁରିଗୁଡା ଗ୍ରାମରେ ଚାଇଲ୍ଡ ଲାଇନ୍ ତରଫରୁ ଏକ ସ୍ୱଚ୍ଛତା ସଚେତନ ଅଭିଯାନ ଆରମ୍ଭ ହୋଇଯାଇଛି। ଅଭିଯାନରେ ଚାଇଲ୍ଡ ଲାଇନ୍‌ର ଜିଲା ସଂଯୋଜକ ପ୍ରଶାନ୍ତ ନାୟକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ରୂପେ ଆଇସିଡିଏସ୍ ସୁପରଭାଇଜର ନିରୁପମା ଭତ୍ରା, ସଂଯୋଜକ ରୂପେନ୍ଦ୍ର ନାୟକ, ସାମାଜିକ କର୍ମୀ ଭଗବାନ ସାହୁ, ୱାର୍ଡସଭ୍ୟ ପାର୍ବତୀ ଟାଟୁ, ଅଙ୍ଗନୱାଡି କର୍ମୀ ସୁମିତ୍ରା ଆଦବାରୀ, ଆଶାକର୍ମୀ ସବିତା ଟାଟୁ, ହୃଷୀକେଶ ସାହୁ ଓ ପ୍ରମିଳା ପ୍ରଧାନ ଯୋଗ ଦେଇଥିଲେ। ପ୍ରଥମେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ନେଇ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ଗ୍ରାମର ମଝି ପିଣ୍ଡିଠାରେ ଏକ ବୈଠକ ହୋଇଥିଲା। ଉକ୍ତ ବୈଠକରେ ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର ସାଙ୍ଗକୁ ପିଲାଙ୍କ ସ୍ୱଚ୍ଛତା ଓ ପରିବେଶ ସ୍ୱଚ୍ଛତା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଗ୍ରାମର ଯୁବ ସମିତି ସମ୍ପାଦକ ଭୀମ କୁଆସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆବାସ ଯୋଜନାରୁ ବଞ୍ଚିତ ସିକିଲିନ ରୋଗୀ

ଡାବୁଗାଁ,୨୯।୧୨(ଡି.ଏନ.ଏ.)

ରାଜ୍ୟ ଓ କେନ୍ଦ୍ର ସରକାର ସମାଜର ଅବହେଳିତ, ଗରିବ ଏବଂ ନିରାଶ୍ରୟ ଲୋକଙ୍କ ପାଇଁ ବିଜୁପକ୍କା ଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କରୁଛନ୍ତି। କୌଣସି ଗରିବ ପରିବାର ଏହି ସବୁ ଯୋଜନାରୁ ବଞ୍ଚିତ ନ ହୁଅନ୍ତୁ ସେଥିପାଇଁ ପ୍ରତି ମାସରେ ବ୍ଲକରୁ ଆରମ୍ଭ କରି ଜିଲାସ୍ତରୀୟ ସମୀକ୍ଷା ମଧ କରାଯାଉଛି। କିନ୍ତୁ ସରକାରୀ କର୍ମଚାରୀଙ୍କ ଅବହେଳା ଯୋଗୁ ସିକିଲିନରେ ଆକ୍ରାନ୍ତ ଜଗନ୍ନାଥ ନାୟକ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଘର ଖଣ୍ଡିଏ ନ ଥିବାରୁ ଭଙ୍ଗା ଘରେ ପରିବାର ସହ ରହୁଛନ୍ତି। ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ରେଭିନ୍ୟୁ ନୂଆଗୁଡ଼ାରେ ଜଗନ୍ନାଥ ନାୟକ ପରିବାର ସହ ରୁହନ୍ତି। ଜଗନ୍ନାଥ ସିକିଲିନ ରୋଗରେ ଆକ୍ରାନ୍ତ। ୪ ବର୍ଷ ପୂର୍ବେ କାମ କରୁଥିବା ସମୟରେ ଛାତରୁ ପଡି ତାଙ୍କ ହାତ ଭାଙ୍ଗି ଖଂଜା ଖସି ଯାଇଥିଲା। ଅର୍ଥ ଅଭାବ ଯୋଗୁ ତାହା ଏ ପର୍ଯ୍ୟନ୍ତ ଭଲ ହୋଇନି। ରକ୍ତ ସିକୁଲିରେ ଆକାନ୍ତ ଯୋଗୁଁ ଅଧିକ କାମ କରିବା ପାଇଁ ତାଙ୍କୁ ଡାକ୍ତର ମନା କରିଥିଲେ। ଜଗନ୍ନାଥଙ୍କ ସହ ତାଙ୍କ ୫ ବର୍ଷର ପୁଅ ମଧ ସିକିଲିନରେ ଆକ୍ରାନ୍ତ। ଜଗନ୍ନାଥଙ୍କ ସ୍ତ୍ରୀ କୁଲି ମଜୁରୀ କରି ଯାହା ଆଣନ୍ତି ସେଥିରେ ତାଙ୍କ ପରିବାର ବହୁ କଷ୍ଟରେ ଚଳୁଛି । ଘରେ ଦୁଇ ଜଣ ସିକିଲିନ ରୋଗୀ । ଏପରି ପରିସ୍ଥିତିରେ ଘର ତିଆରି କରିବା ତ ଦୂରର କଥା ଭଙ୍ଗାଘର ମରାମତି କରିବା ତାଙ୍କ ପାଇଁ କଷ୍ଟକର । ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ଆବେଦନ କଲେ ଖାଲି ସରକାରୀ ବାବୁ ମାନେ ଆସି ବୁଲି ଚାଲି ଯାଉଛନ୍ତି। ସହାୟତା କହିଲେ ବର୍ଷା ଦିନରେ ମିଳିଛି ଖଣ୍ଡେ ପଲିଥିନ। କିନ୍ତୁ ଆଜି ପର୍ଯ୍ୟନ୍ତ ସରକାରଙ୍କ ତରଫରୁ ତାଙ୍କୁ ଘର ଖଣ୍ଡେ ବି ମିଳିପାରିନି। ସତେ ଯେପରି ସରକାରୀ ଯୋଜନା ସବୁ ତାଙ୍କ ପାଇଁ ସାତସପନ ପାଲଟି ଯାଇଛି। ବର୍ତ୍ତମାନ ତାଙ୍କ ପରିବାର ଅର୍ଥାତ ଚାରିକୁଟୁମ୍ବ ଭଙ୍ଗା କୁଡ଼ିଆରେ ଜରିପାଲ ଟାଙ୍ଗି ବଡ ଦୟନୀୟ ଅବସ୍ଥାରେ ରହୁଛନ୍ତି। ଏହି ଘଟଣା ଡାବୁଗାଁ ବ୍ଲକର କୌଣସି ଗାଁ ଗହଳିର ନୁହେଁ ଖୋଦ ଡାବୁଗାଁ ସଦର ମହକୁମାସ୍ଥିତ ରେଭିନ୍ୟୁନୂଆଗୁଡା ଗ୍ରାମରେ ଦେଖିବାକୁ ମିଳିଛି।


ଭଙ୍ଗା ଘର ଆଗରେ ଜଗନ୍ନାଥ ନାୟକ ଓ ତାଙ୍କ ପରିବାର ।

